ହିଟ୍‌ମ୍ୟାନ୍‌ଙ୍କ ସମକକ୍ଷ ହେଲେ ମ୍ୟାକ୍ସୱେଲ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008



କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୧୭ ● ୧୨ ଫେବୃୟାରୀ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-17 ● 12nd February 2024, Monday ● Bhubaneswar | Licensed to post without pre-payment of postage No- BN-60/22-24





ଅଧିକ ସୂଚନା ପାଇଁ ସ୍କାନ୍ କରନ୍ତୁ

ଆମ ସଂକଳ୍ପ
ବିକଶିତ ଭାରତ

ମୋଦୀ ସରକାରଙ୍କ
ଗ୍ୟାରେଣ୍ଟି

ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଅଭୂତପୂର୍ବ ବିକାଶ

ଦୁଗ୍ଧ ଉତ୍ପାଦନରେ ଭାରତ ବିଶ୍ୱରେ ୧ ନମ୍ବର, ବିଗତ ୧୦ ବର୍ଷରେ ଦୁଗ୍ଧ ଉତ୍ପାଦନରେ ରେକର୍ଡ ୫୮% ବୃଦ୍ଧି; ୮ କୋଟି ଗୋପାଳଙ୍କ ପରିବାରକୁ ଲାଭ



Government of India

cbc 22201/13/0264/2324


## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# କେନ୍ଦୁପତ୍ର ତୋଳାଳୀଙ୍କୁ ୫୦ ପ୍ରତିଶତ ବୋନସ୍

ଭୁବନେଶ୍ୱର, ୧୧।୨
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀଙ୍କ କଲ୍ୟାଣ ପାଇଁ କେତେକ ନୂତନ ପଦକ୍ଷେପ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଅନୁଯାୟୀ କେନ୍ଦୁପତ୍ର ତୋଳାଳୀମାନଙ୍କୁ ଚଳିତ ଫସଲ ଋତୁ ପାଇଁ ୫୦ ପ୍ରତିଶତ ବୋନସ୍ ମିଳିବ। ଏହି ବୋନସ୍ ପରିମାଣ ଗତ ବର୍ଷଠାରୁ ଦୁଇ ଗୁଣ ଅଟେ। ଏହା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧା ଜମା ହେବ। ସେହିପରି କେନ୍ଦୁପତ୍ର ବନ୍ଧେଇ ଶ୍ରମିକ ଓ ସାମୟିକ କର୍ମଚାରୀଙ୍କ ପାଇଁ ୧୦ ପ୍ରତିଶତ ଇନ୍‌ସେଣ୍ଟିଭର ବ୍ୟବସ୍ଥା କରାଯାଇଛି। ସାମୟିକ କର୍ମଚାରୀଙ୍କୁ ଏକ ମାସ ଅଧିକ କାମ ଦିଆଯିବ।



ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କେନ୍ଦୁପତ୍ର ପ୍ରତି ବିଡା ମୂଲ୍ୟରେ ବୃଦ୍ଧି ଘୋଷଣା କରିଛନ୍ତି। କୋଡିଏ ପତ୍ର ବିଶିଷ୍ଟ ବିଡାର ମୂଲ୍ୟ ୧ ଟଙ୍କା ୪୦ ପଇସାରୁ ୧ ଟଙ୍କା ୬୦ ପଇସାକୁ ବୃଦ୍ଧି କରାଯାଇଛି । ସେହିପରି ଚାଳିଶ ପତ୍ର ବିଶିଷ୍ଟ ବିଡାର ମୂଲ୍ୟ ୨ ଟଙ୍କା ୮୦ ପଇସାରୁ ୩ ଟଙ୍କା ୨୦ ପଇସାକୁ ବୃଦ୍ଧି କରାଯାଇଛି।

ସୂଚନାଯୋଗ୍ୟ ଯେ ସାମୟିକ କର୍ମଚାରୀମାନଙ୍କ ମଜୁରୀ ସଂଶୋଧନ ପ୍ରସ୍ତାବକୁ ମଧ୍ୟ ସରକାର ଗ୍ରହଣ କରିଛନ୍ତି। ସେମାନଙ୍କର ଟିଏ ଓ ସାଇକେଲ୍ ଆଲାଉନ୍ସରେ ୫୦ ପ୍ରତିଶତ ବୃଦ୍ଧି କରାଯାଇଛି । କେନ୍ଦୁପତ୍ର ତୋଳାଳିମାନେ (ପୃଷ୍ଠା ୭ରେ)

# ସମ୍ବଲପୁରରେ ବିକାଶର ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ

ସମ୍ବଲପୁର, ୧୧।୨
ନ୍ୟୁଜ୍ ବ୍ୟୁରୋ

ସମ୍ବଲପୁରରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ୫-ଟି ଅଧ୍ୟକ୍ଷ ସମଲେଇ ପ୍ରକଳ୍ପ ବୁଲିବା ସହିତ କିଭଳି ସମଲେଇ ପ୍ରକଳ୍ପ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିପାରିବ ସେନେଇ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି କାର୍ତ୍ତିକ ପାଣ୍ଡିଆନ୍ । ଏଥିପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ମନ୍ଦିର ଟ୍ରଷ୍ଟବୋର୍ଡ ସହ ଆଲୋଚନା କରିଛନ୍ତି । ସମଲେଇ ପ୍ରକଳ୍ପ ବୁଲିବା ପରେ ମା' ସମଲେଶ୍ୱରୀଙ୍କ ମନ୍ଦିର ଯାଇ ମା'ଙ୍କ ଦର୍ଶନ କରିଥିଲେ। ୫-ଟି ଅଧ୍ୟକ୍ଷ ମନ୍ଦିର ପରିସରରେ ଟ୍ରଷ୍ଟବୋର୍ଡ ଓ ମନ୍ଦିର ପୂଜକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହାପରେ ବିଭିନ୍ନ ବର୍ଗର ଲୋକଙ୍କୁ ଭେଟି ତାଙ୍କ ନିକଟରୁ ଦାବି ପତ୍ର ଗ୍ରହଣ କରିଥିଲେ ।



ଏହାପରେ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପହଞ୍ଚି ଆଥଲେଟିକ ଆସୋସିଏସନ କର୍ମକର୍ତ୍ତା ଓ ଖେଳାଳିଙ୍କ ସହ ଆଲୋଚନା କରିଥିଲେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ସମ୍ବଲପୁର ଆଥଲେଟିକ ଆସୋସିଏସନ ପକ୍ଷରୁ ୫-ଟି ଅଧ୍ୟକ୍ଷଙ୍କୁ ସ୍ୱାଗତ କରାଯାଇଥିଲା। ଷ୍ଟାଡିୟମରେ କ୍ରିକେଟ ଖେଳାଳିଙ୍କ ସହ ୫-ଟି ଅଧ୍ୟକ୍ଷ କ୍ରିକେଟ ଖେଳିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ବଲପୁରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯିବା ସହ ସମ୍ବଲପୁରରେ ବହୁତ ବଡ କ୍ରିକେଟ ଷ୍ଟାଡିୟମ ଓ ଫୁଟବଲ ଷ୍ଟାଡିୟମ କରିବା ପାଇଁ ଜାଗା ଚିହ୍ନଟ କରାଯାଇଥିବାରୁ ଖୁସି ପ୍ରକାଶ କରିଛନ୍ତି ଖେଳାଳି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି ଆସୋସିଏସନ କର୍ମକର୍ତ୍ତା ଓ ଖେଳାଳି । ଫୁଟବଲ ଓ କ୍ରିକେଟ ଷ୍ଟାଡିୟମ ନିର୍ମାଣ ପାଇଁ ୩୫୦ କୋଟି ଟଙ୍କା ମଞ୍ଜୁର ହୋଇଛି । ଷ୍ଟାଡିୟମ ନିର୍ମାଣ ପରେ କ୍ରୀଡାବିତ୍‌ଙ୍କୁ ଏହା ବଡ ପ୍ରୋତ୍ସାହନ ହେବ ବୋଲି କୁହାଯାଉଛି।

ଏହି ଅବସରରେ ଭୀମସାର ମେଡିକାଲ କଲେଜ ଯାଇ ସ୍ୱାସ୍ଥ୍ୟସେବାର ସମୀକ୍ଷା କରିଥିଲେ ୫-ଟି ଅଧ୍ୟକ୍ଷ। ହସ୍ପିଟାଲ ନିର୍ଦ୍ଦେଶକ ଓ ବରିଷ୍ଠ ଡାକ୍ତରଙ୍କ ସହ ସ୍ୱାସ୍ଥ୍ୟସେବା ବାବଦରେ ଆଲୋଚନା କରିଥିଲେ। ଏଠାରେ ପ୍ରଥମ ପର୍ଯ୍ୟାୟରେ ୭୦୦ ବେଡ ବିଶିଷ୍ଟ ମାତୃ ଓ ଶିଶୁ ୱାର୍ଡର ସୁବିଧା ମିଳିବ। ମେଡିକାଲ ହଷ୍ଟେଲ କ୍ୟାମ୍ପସର ଉନ୍ନତିକରଣ ସହ ସ୍ପୋର୍ଟସ କମ୍ପ୍ଲେକ୍ସ କରାଯିବ। ଏହାସହ କର୍ମଚାରୀଙ୍କ ପାଇଁ କ୍ୱାର୍ଟର ସହ ଅନ୍ୟ ସୁବିଧା ଯୋଗାଇ ଦିଆଯିବ। ପ୍ରାଥମିକ ପର୍ଯ୍ୟାୟରେ ହଜାରେ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଯୋଜନା ହୋଇଛି । ଏଥିପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ ହୋଇଛି ବୋଲି କହିଛନ୍ତି ୫-ଟି ଅଧ୍ୟକ୍ଷ । ଏହାପରେ ସମ୍ବଲପୁରରେ ମହାନଦୀ ହାଫ (ପୃଷ୍ଠା ୭ରେ)

## ପାକିସ୍ତାନରେ ହିଂସା ଆଶଙ୍କା

ଇସଲାମାବାଦ, ୧୧।୨

ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ପରେ ପାକିସ୍ତାନ ରାଜନୀତିରେ ଏବେ ଘଡ଼ିକେ ଘୋଡ଼ା ଛୁଟୁଛି । ସେନା ସହ ବିବାଦ ଯୋଗୁ ଜେଲ୍‌ରେ ବନ୍ଦୀ ଇମ୍ରାନ ଖାନଙ୍କ ପାକିସ୍ତାନ ତେହରିକ-ଏ-ଇନସାଫ (ପିଟିଆଇ) ଏବେ ଦେଶରେ ସରକାର ଗଢିବାକୁ ଦାବି କରୁଛି। ଏହା ସହିତ ୮ ଫେବୃୟାରୀ ନିର୍ବାଚନରେ ଭୋଟ ରିଗିଙ୍ଗର ଅଭିଯୋଗ ମଧ୍ୟ କରୁଛି। ଏହାକୁ ନେଇ ଏବେ ପିଟିଆଇ କାର୍ଯ୍ୟକର୍ତ୍ତା ସଡ଼କକୁ ଓହ୍ଲାଇଥିବା ବେଳେ ସେନାକୁ ବିଦ୍ରୋହର ଚିନ୍ତା ଘାରିଛି। ରିପୋର୍ଟ ଅନୁସାରେ (ପୃଷ୍ଠା ୭ରେ)


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ପରଲୋକରେ ବିଶିଷ୍ଟ ସାହିତ୍ୟିକ ସାତକଡ଼ି ହୋତା

ଭୁବନେଶ୍ୱର, ୧୧।୨
ନ୍ୟୁଜ୍ ବ୍ୟୁରୋ

ବିଶିଷ୍ଟ ସାହିତ୍ୟିକ ସାତକଡ଼ି ହୋତାଙ୍କ ଦେହାନ୍ତ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା । ରବିବାର ସକାଳେ ଭୁବନେଶ୍ୱରରେ ଏହି ବିଶିଷ୍ଟ ସାହିତ୍ୟିକ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଥିଲେ ସାତକଡି ହୋତା । ସେ ଭାରତୀୟ ରେଳ ସେବାରୁ ଅବସର ନେଇଥିଲେ। ଦୈନିକ ଖବରକାଗଜ ସମୟର



ମଧ୍ୟ ସେ ସମ୍ପାଦକ ଥିଲେ।

୧୯୨୯ ମସିହାରେ ମୟୂରଭଞ୍ଜର ଜଗନ୍ନାଥଖୁଣ୍ଟାରେ ସାତକଡ଼ି ହୋତା ଜନ୍ମଗ୍ରହଣ କରିଥିଲେ। ଶତାଧିକ ପୁସ୍ତକର ସେ ରଚୟିତା ଥିଲେ। ସାତକଡ଼ିଙ୍କର ୨୭ଟି ଗଳ୍ପ, ୨୧ଟି ଉପନ୍ୟାସ ଓ ଗୋଟିଏ କବିତା ବହି ପ୍ରକାଶ ପାଇଥିଲା। କବିତାରୁ ସେ ନିଜ ସାହିତ୍ୟ ସର୍ଜନା ଆରମ୍ଭ କରିଥିଲେ। ବ୍ୟାକୁଳ ହୃଦୟ, ସ୍ୱପ୍ନ ଶିଉଳି, ଏତେ ସ୍ୱପ୍ନ ଏତେ ଆଲୋକ, ଅନେକ କାଳଜୟୀ ପୁସ୍ତକର ସେ ରଚୟିତା ଥିଲେ। (ପୃଷ୍ଠା ୭ରେ)

### 'ସମ୍ବାଦ କଳିକା' ସମ୍ପାଦକଙ୍କ ଶୋକ

ପ୍ରବୀଣ ସାହିତ୍ୟିକ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା ଦୈନିକ ସମ୍ବାଦପତ୍ର 'ସମୟ'ର ସମ୍ପାଦକ ଓ ଦକ୍ଷ ପ୍ରଶାସକ ସାତକଡି ହୋତାଙ୍କ ବିୟୋଗରେ ପ୍ରମୁଖ ଦୈନିକ ସମ୍ବାଦପତ୍ର 'ସମ୍ବାଦ କଳିକା' ତଥା ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ସମ୍ପାଦକ ଜୟାଶୀଷ ରାୟ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଶ୍ରୀ ରାୟ ସମବେଦନା ଜଣାଇଛନ୍ତି ଏବଂ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

### ସାତକଡି ହୋତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୧୧।୨ : ନ୍ୟୁଜ୍ ବ୍ୟୁରୋ

ବିଶିଷ୍ଟ ସାହିତ୍ୟିକ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ସାତକଡି ହୋତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ଜଣେ ପ୍ରତିଷ୍ଠିତ ତଥା ଖ୍ୟାତିସମ୍ପନ୍ନ ସାହିତ୍ୟିକ ଭାବେ ସାତକଡି ହୋତାଙ୍କ ସୁନାମ ରହିଥିଲା । ଅନେକ ଉଚ୍ଚକୋଟୀର ଗଳ୍ପ, ଉପନ୍ୟାସ, କବିତା ଓ ଅନୁବାଦ ସାହିତ୍ୟ ରଚନା ମାଧ୍ୟମରେ ଓଡିଆ ସାହିତ୍ୟ ଜଗତରେ ସେ ତାଙ୍କର ଅମଳିନ ସ୍ମୃତି ଛାଡି ଯାଇଛନ୍ତି । ଏଥି ସହିତ ଜଣେ ଦକ୍ଷ ସଂଗଠକ ଓ ସାମ୍ବାଦିକ ଭାବରେ ମଧ୍ୟ ତାଙ୍କର ସୁନାମ ରହିଥିଲା । ତାଙ୍କ ବିୟୋଗ ଓଡିଆ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି। ସ୍ୱର୍ଗତ ସାତକଡ଼ି ହୋତାଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନ ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। (ପୃଷ୍ଠା ୭ରେ)

# ଦୁଇ ଦୁର୍ଘଟଣା : ୯ ମୃତ

## ଯାତ୍ରୀବାହୀ ପିକ୍‌ଅପ ଭ୍ୟାନକୁ ଧକ୍କା ଦେଲା ଟ୍ରକ : ୪ ମୃତ

ଝାରସୁଗୁଡା, ୧୧।୨ : ନ୍ୟୁଜ୍ ବ୍ୟୁରୋ

ପିକ୍‌ଅପ ଭ୍ୟାନକୁ ଧକ୍କା ଦେଲା ଟ୍ରକ । ଦୁର୍ଘଟଣାରେ ଚାଲିଗଲା ୪ଜଣଙ୍କ ଜୀବନ, ୯ ଜଣ ଗୁରୁତର। ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ଜୁନିୟର ଛକରେ ଘଟିଛି ଏପରି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା । ରବିବାର ସକାଳ ପ୍ରାୟ ୧୦ ଟା ୩୦ ମିନିଟରେ ଲଖନପୁର (ପୃଷ୍ଠା ୭ରେ)

## ଭାରସାମ୍ୟ ହରାଇଲା ପିକ୍‌ଅପ ଭ୍ୟାନ୍ : ୫ ମୃତ

ଗୋଲାମୁଣ୍ଡା, ୧୧।୨ : ନ୍ୟୁଜ୍ ବ୍ୟୁରୋ

ଚାଷକାମରୁ ଶ୍ରମିକମାନଙ୍କୁ ନେଇ ଫେରୁଥିବା ପିକ୍‌ଅପ ଭ୍ୟାନ ରବିବାର ସନ୍ଧ୍ୟାରେ ଦୁର୍ଘଟଣାଗ୍ରସ୍ତ ହୋଇଛି । କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ଡୋକରିପଡ଼ା ଠାରେ ଏହି ଅଘଟଣ ଘଟିଛି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫ ଜଣ ଗୁରୁତର ହୋଇଛନ୍ତି । ସେମାନଙ୍କୁ (ପୃଷ୍ଠା ୭ରେ)

# ଲୁଟ୍ ଓ ବିଭାଜନ କଂଗ୍ରେସ ପାଇଁ ଅମ୍ଳଜାନ : ମୋଦି

ନୂଆଦିଲ୍ଲୀ, ୧୧।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମଧ୍ୟପ୍ରଦେଶର ଝାବୁଆରେ ୭,୫୫୦ କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଏହାପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମଧ୍ୟ ଆଦିବାସୀ ମହାକୁମ୍ଭରେ ଯୋଗ ଦେଇଥିଲେ, ଯେଉଁଥିରେ ଲୋକଙ୍କୁ ସମ୍ବୋଧିତ କରି ସେ କହିଥିଲେ ଯେ ମୁଁ ଜଣେ ସେବକ ଭାବରେ ଏଠାକୁ (ପୃଷ୍ଠା ୭ରେ)



## ଏକାଳ ସକାଳ



ଭୋଟ ପାଇଁ କି କେତେ ପ୍ଲାନ
କେତେ ମନଲୋଭା ସ୍କିମ୍
ନେତାଏ ଜନଙ୍କୁ ଶୁଖାରୁଖା ଦେଇ
ଖାଇଯିବେ ସବୁ କ୍ରିମ୍
ମୋବାଇଲ୍ ବିନା ସିମ୍
ଯେମିତି ହାଲତ ସେମିତି ହେଲେ
ଜନତା ବୁଝିବ ମିମ୍।

# ଏଲନିନୋ ସକ୍ରିୟ: ସପ୍ତାହକ ପରେ ଜଳିବ ଓଡ଼ିଶା



ଭୁବନେଶ୍ୱର, ୧୧।୨
ନ୍ୟୁଜ୍ ବ୍ୟୁରୋ

ଫେବୃୟାରୀରୁ ଅନୁଭୁତ ହେଲାଣି ତାତି। ସପ୍ତାହକ ପରେ ଜଳିବ ଓଡ଼ିଶା। ଗତବର୍ଷ ଭଳି ଚଳିତବର୍ଷ ବି ସକ୍ରିୟ ରହିଛି ଏଲ୍‌ନିନୋ। ଏହାର ପ୍ରଭାବରେ ଶୀତ ବି କମ ରହିଲା। ଏଣିକି ଦିନର ତାପମାତ୍ରାରେ ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ। ଅତ୍ୟଧିକ ଶୁଷ୍କତା ଯୋଗୁଁ ଏପ୍ରିଲ ବେଳକୁ ଗୁଳୁଗୁଳି ଓ ଗରମ ଅସହ୍ୟ ହେବ। ଅଂଶୁଘାତ ସହିତ ଅନେକ ରୋଗ ବି ହୋଇପାରେ । ବାହାରକୁ ଗଲାବେଳେ ଏବେଠୁ ତରଳ ପଦାର୍ଥ, ତୋରାଣି, ପଇଡ଼ ପାଣି, ଛତା, ଯୋତା ପିନ୍ଧି ଯିବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ ।

ତାତିରେ ଡହଳବିକଳ ହେବ ଜୀବନ। ଏପରି ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ । ରବିବାର ଦିନର ତାପମାତ୍ରା ୩୧ ଡିଗ୍ରୀ ଟପିଛି । ଆଗକୁ ଧୀରେ ଧୀରେ ଦିନର ତାପମାତ୍ରାରେ ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ। ଏବର୍ଷ ଖରାଦିନେ ଓଡ଼ିଶାର ପ୍ରାୟ ସମସ୍ତ ସହରରେ ୪୪ ଡିଗ୍ରୀ ପାର କରିବ ତାପମାତ୍ରା। ଭୁବନେଶ୍ୱରରେ ତାତି ଅସହ୍ୟ ହେବ। ଏଲନିନୋ ପ୍ରଭାବରେ ଗତ ଶୀତଦିନରେ ରାତିର ତାପମାତ୍ରା ୧୦ରୁ ୧୫ ଡିଗ୍ରୀ ଭିତରେ ରହିବା ସ୍ଥାନରେ ୨୦ ଡିଗ୍ରୀ ତଳକୁ ଖସିଲାନି । ଏପରିକି କେତେକ ସହରରେ ତାପମାତ୍ରା ୨୨ ଡିଗ୍ରୀ ଉପରେ ରହିଲା। ଏହାଯୋଗୁଁ ଶୀତର ପ୍ରକୋପ ଅନୁଭୁତ ହୋଇନି । ପ୍ରଶାନ୍ତ ମହାସାଗରରୁ ଶୁଷ୍କ ବାୟୁ ପ୍ରବାହ ଏବେ ବି ଜାରି ରହିଛି । ଏବେ କିଛିଟା ପବନ ଚଳାଚଳ ହେଉଥିବାରୁ ତାପମାତ୍ରା ସାମାନ୍ୟ ଥଣ୍ଡା ରହିଛି । ବାୟୁ ଚଳାଚଳ ବନ୍ଦ ହୋଇଗଲେ ଆଗକୁ ଅସହ୍ୟ ଗୁଳୁଗୁଳିରେ ଜୀବନ ଅସ୍ତବ୍ୟସ୍ତ ହେବ। ଏପ୍ରିଲ ବେଳକୁ ଭୁବନେଶ୍ୱର ସମେତ ଅଧିକାଂଶ ସହରର (ପୃଷ୍ଠା ୭ରେ)

# ସ୍ୱର୍ଗଦ୍ୱାର ଆପ୍ ଲୋକାର୍ପିତ

ପୁରୀ, ୧୧।୨ : ନ୍ୟୁଜ୍ ବ୍ୟୁରୋ

ସ୍ୱର୍ଗଦ୍ୱାର ରୂପାନ୍ତରିକରଣରେ ଯୋଡି ହେଲା ଆଉ ଏକ ଫର୍ଦ୍ଦ । ସ୍ୱର୍ଗଦ୍ୱାର ମୋବାଇଲ ଆପ୍ ଲୋକାର୍ପଣ କରିଛନ୍ତି ପୁରୀ ଜିଲ୍ଲାପାଳ ବିଜୟ କୁମାର ଦାଶ । ଆପ୍ ଜରିଆରେ ଆଗୁଆ କରିହେବ ରେଜିଷ୍ଟ୍ରେସନ୍, ଜାଣି ହେବ ସ୍ୱର୍ଗଦ୍ୱାରରେ ମିଳୁଥିବା ସେବା ସମ୍ପର୍କରେ। ଦିନକୁ ଦିନ ସ୍ୱର୍ଗଦ୍ୱାରକୁ ଆସୁଥିବା ଶବ ସଂଖ୍ୟାରେ ବୃଦ୍ଧି ପାଇବାକୁ ଲାଗିଛି । ଏହି କାରଣରୁ ଶବଦାହ ପାଇଁ ରେଜିଷ୍ଟ୍ରେନ କରିବାରେ କିଛି ସମୟରେ ସମସ୍ୟା ଦେଖା ଦେଉଛି । ଏପରି ସମସ୍ୟା ଦୂର କରିବା ଓ ସହଜ ରେଜିଷ୍ଟ୍ରେସନ ପାଇଁ ସ୍ୱର୍ଗଦ୍ୱାର ମୋବାଇଲ ଆପ୍ ବ୍ୟବସ୍ଥା କରାଯାଇଛି । ସ୍ୱର୍ଗଦ୍ୱାରରେ ଶବ ସଂସ୍କାର



ସେବା ପାଇବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ଏହି ମୋବାଇଲ ଆପ୍‌ରୁ ଏଠାରେ ମିଳୁଥିବା ସମସ୍ତ ସେବା ବିଷୟରେ ଜାଣି ପାରିବେ । ଏହି ଆପ୍ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ଉପଲବ୍ଧ ହେବ । ଭାରତୀୟ ଷ୍ଟେଟ ବ୍ୟାଙ୍କ ମେନ ବ୍ରାଞ୍ଚ ପୁରୀ ଶାଖା ତରଫରୁ ସ୍ୱର୍ଗଦ୍ୱାର ସେବା ସମିତିକୁ ଏକ ହାଇଡ୍ରୋଲିକ ଟ୍ରାକ୍ଟର ଡାଲା ପରିବହନ ସେବା ପାଇଁ ପ୍ରଦାନ କରାଯାଇଥିଲା।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଫେବୃୟାରୀ ୨୦୨୪ସୋମବାର



# ପ୍ରାକୃତିକ ଉତ୍ପାଦରୁ ଔଷଧ ପ୍ରସ୍ତୁତ କରିବା ନିମନ୍ତେ ଆମେରିକୀୟ କମ୍ପାନୀ ସହ ଏକତ୍ର କାର୍ଯ୍ୟ କରିବ ସୋଆ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜଟିଳ ବ୍ୟାଧି ଗୁଡ଼ିକର ଚିକିତ୍ସା କରିବା ନିମନ୍ତେ ପ୍ରାକୃତିକ ଉତ୍ପାଦରୁ ଔଷଧ ପ୍ରସ୍ତୁତ କରିବା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏବଂ ଆମେରିକାର ଥିଙ୍କ ଫାର୍ମା ଆଣ୍ଡ ଆୟୁର୍ବିଦ୍ୟା ହେଲ୍ଥ କେୟାର ଇନୋଭେସନ୍ ମିଳିତ ଭାବେ ଗବେଷଣା କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏବଂ ବିଶିଷ୍ଟ ବୈଜ୍ଞାନିକ ତଥା ଥିଙ୍କ ଫାର୍ମା ଆଣ୍ଡ ଆୟୁର୍ବିଦ୍ୟା ହେଲ୍ଥ କେୟାର ଇନୋଭେସନର ସଭାପତି ତଥା ଚିଫ୍ ସାଇନ୍‌ଟିଫିକ୍ ଅଫିସର ଡକ୍ଟର ମୁକୁନ୍ଦ ଏସ୍. ଚୋର୍‌ଘାଡେଙ୍କ ମଧ୍ୟରେ ସାକ୍ଷାତ ଅବସରରେ ଏହି ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ଆଲୋଚନା ବେଳେ ଅନ୍ୟ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ।

ଉଭୟ ପକ୍ଷ ଏକ ଗବେଷକ ଦଳ ଗଠନ କରି ପ୍ରାକୃତିକ ଏବଂ ସିନ୍‌ଥେଟିକ୍ ଉତ୍ପାଦରୁ ନୂତନ ଔଷଧ ଏବଂ ଔଷଧ ଜାତୀୟ ଦ୍ରବ୍ୟ ବିକଶିତ କରିବେ।

ଆମେରିକୀୟ କମ୍ପାନୀର ଗବେଷକଙ୍କ ସମେତ ସୋଆର ଫାର୍ମାସୀ, ବାୟୋଟେକ୍ନୋଲୋଜି, ମେଡିକାଲ୍ ସାଇନ୍‌ସେସ୍ ଏବଂ ଇଞ୍ଜିନିୟରିଂ ବିଭାଗର ଗବେଷକଙ୍କୁ ନେଇ ଦଳ ଗଠନ କରାଯାଇ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ।

ଡକ୍ଟର ଚୋର୍‌ଘାଡେ ଆମେରିକାନ୍ କେମିକାଲ୍ ସୋସାଇଟି (ଏସ୍ଏସିଏସ୍)ର ଜଣେ ଫେଲୋ। ସେ ଔଷଧର ଉଦ୍‌ଭାବନ, ବିକାଶ ଏବଂ ପାରମ୍ପରିକ ଭାରତୀୟ ଔଷଧକୁ ନେଇ ଗବେଷଣା କରୁଛନ୍ତି। ଏହି ଆଲୋଚନା ସମୟରେ ହାଇଦ୍ରାବାଦ ସ୍ଥିତ ସିଏସ୍ଆଇଆର୍-ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜିର ଚିଫ୍ ସାଇନ୍‌ଟିଷ୍ଟ ଡକ୍ଟର ଦେବେନ୍ଦ୍ର କୁମାର ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।

କେମୋସିନ୍ଥେଟିକ୍ ଆର୍ଟିଫିସିଆଲ୍ ଲିଭର୍ ଉଦ୍‌ଭାବନ ନିମନ୍ତେ ଡକ୍ଟର ଚୋରଘାଡେ ପ୍ରସିଦ୍ଧି ଲାଭ କରିଛନ୍ତି।

ଡକ୍ଟର ଚୋରଘାଡେ ହାର୍ଭାର୍ଡର ହାର୍ଭାର୍ଡ, କାଲଟେକ୍, ୟୁନିଭର୍ସିଟି ଅଫ୍ ଚିକାଗୋ, ଏମ୍.ଆଇ.ଟି, ୟୁନିଭର୍ସିଟି ଅଫ୍ ବ୍ରିଟିଶ କଲମ୍ବିଆ, ୟୁନିଭର୍ସିଟି ଲୁଇସ୍ ପାଷ୍ଟର, ଆଇସିଟି ଏବଂ ସିଏସ୍ଆଇଆର ଇତ୍ୟାଦିରେ ଆଡଜଂକ୍ଟ ରିସର୍ଚ୍ଚ ପ୍ରଫେସର, ଭିଜିଟିଂ ଫେଲୋ ବା ଭିଜିଟିଙ୍ଗ ସାଇନ୍‌ଟିଷ୍ଟ ଭାବେ କାର୍ଯ୍ୟ କରିଛନ୍ତି। ଏହି ଆଲୋଚନା ସମୟରେ ସୋଆ ସେଣ୍ଟର ଫର ନାନୋ ସାଇନ୍‌ସେସ୍ ଆଣ୍ଡ ନାନୋ ଟେକ୍ନୋଲୋଜିର ନିର୍ଦ୍ଦେଶକ ପ୍ରଫେସର କୁଳମଣି ପରିଡା, ବାୟୋ ଫୁଏଲ୍ ଆଣ୍ଡ ବାୟୋ ପ୍ରୋସେସିଂ ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଲାଲା ବିହାରୀ ଶୁକ୍ଳା, ସେଣ୍ଟର ଫର ଇଣ୍ଡଷ୍ଟ୍ରିଆଲ ବାୟୋଟେକ୍ନୋଲୋଜିର ନିର୍ଦ୍ଦେଶକ ପ୍ରଫେସର ହୃଦୟ ନାଥ ଥାଟୋଇ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍‌ର ପ୍ରଫେସର ଜ୍ଞାନ ରଞ୍ଜନ ରାଉତ, ସେଣ୍ଟର ଫର ବାୟୋଟେକ୍ନୋଲୋଜିର ମୁଖ୍ୟ ପ୍ରଫେସର ସଂଘମିତ୍ରା ନାୟକ, ଏହି ବିଭାଗର ପ୍ରଫେସର ଇ. ସୁବୁଦ୍ଧି ଏବଂ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ପ୍ରଫେସର ପ୍ରତାପ କୁମାର ସାହୁ, ପ୍ରଫେସର ବି.ବି ସୁବୁଦ୍ଧି ଓ ପ୍ରଫେସର ଲକ୍ଷ୍ମୀଧର ମହାରଣା ଉପସ୍ଥିତ ଥିଲେ।

## ଚୋର ସନ୍ଦେହରେ ୩ ଯୁବକ ଅଟକ, ପୋଲିସ ଜିମାଦେଲେ ଗ୍ରାମବାସୀ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ସାଲେପୁର ଅଞ୍ଚଳରେ ଅନେକ ଚୋର ସୁନା ସଫେଇ କରିଦେବା ପାଇଁ କହି ସୁନା ଚୋରି କରି ନେଉଥିବା ଅଭିଯୋଗ ହୋଇଆସୁଥିଲା। ସେହି ସନ୍ଦେହରେ ଶୁକ୍ରବାର ବିଳମ୍ବିତ ରାତିରେ ଷ୍ଟିଲ ବାସନ ବେପାରୀଙ୍କୁ ସାଲେପୁର ଥାନା ସାହିଗୋଡ଼ା ଗ୍ରାମରେ ତିନି ଜଣ ଯୁବକଙ୍କୁ ସନ୍ଦେହରେ ଅଟକ ରଖିଥିଲେ । ତିନି ଜଣ ଯୁବକ ବାହାର ରାଜ୍ୟର ବୋଲି ଜଣାପଡ଼ିଛି । ଏହି ତିନି ଜଣ ଯୁବକ ଷ୍ଟିଲ୍ ବାସନ ଧରି ଚାଲି ଚାଲି ଯିବା ସମୟରେ ଗ୍ରାମବାସୀଙ୍କର ସନ୍ଦେହ ହୋଇଥିଲା। ବେପାରୀଙ୍କୁ ପଚାରିବାରୁ କହିଥିଲେ ଯେ, ଆମେ ଷ୍ଟିଲ୍ ବାସନ ବିକୁନାହୁଁ କଳାରୂପା ବଦଳରେ ଷ୍ଟିଲ୍ ବାସନ ଦେଉଛୁ । ଏମିତି କହିବାରୁ ଗ୍ରାମବାସୀଙ୍କ ସନ୍ଦେହ ବଢ଼ିଥିଲା । ଏହି ଯୁବକମାନଙ୍କୁ ପରିଚୟପତ୍ର ମାଗିଥିଲେ । ପରିଚୟପତ୍ର ଦେବାକୁ ଅମଙ୍ଗ ହୋଇଥିଲେ ଯୁବକ । ଗ୍ରାମବାସୀ ସଙ୍ଗେ ସଙ୍ଗେ ସାଲେପୁର ପୋଲିସକୁ ଖବର ଦେଇଥିଲେ । ପୋଲିସ ଆସି ତିନିଜଣ ଯୁବକଙ୍କୁ ନେଇ ଅଟକ ରଖିବା ସହିତ ତଦନ୍ତ ଚଳାଇଛି ।

## ଟ୍ରକ୍ ଚାପାରେ ଯୁବତୀ ମୃତ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ଜନଗହଳି ପୂର୍ଣ୍ଣ ତ୍ରିଶୂଳିଆ ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଟ୍ରକ୍ ଦୁର୍ଘଟଣାରେ ଯୁବତୀ ମୃତ। ସୂଚନା ଅନୁଯାୟୀ ଶନିବାର ସକାଳ ପ୍ରାୟ ୭.୩୦ ସମୟରେ କଟକ ମହମ୍ମଦିଆ ବଜାରର ଯୁବତୀ କ୍ରିଷ୍ଟାରାଣୀ ସାହୁ ନିଜ ଓଡି୦୫ୟୁ୨୬୩୧ ସ୍କୁଟି ଯୋଗେ ଭୁବନେଶ୍ୱରରୁ କାର୍ଯ୍ୟ ସାରି କଟକ ଅଭିମୁଖେ ଘରକୁ ଫେରୁଥିବା ବେଳେ ତ୍ରିଶୂଳିଆ ଛକରେ ଭୁବନେଶ୍ୱରରୁ ବାଙ୍କୀ ଅଭିମୁଖେ ଯାଉଥିବା ଓଡ଼ି୦୫ଡବ୍ଲୁ ୦୦୨୫ ଦଶ ଚକିଆ ଟ୍ରକ୍‌ଟି ତାଙ୍କୁ ଧକ୍କାଦେଇ ତାଙ୍କ ଉପରେ ଚଢ଼ି ଯାଇଥିଲା। ଯୁବତୀ ଜଣକ ରାସ୍ତା ଉପରେ ଗୁରୁତର ଅବସ୍ଥାରେ ପଡ଼ିଥିବା ସମୟରେ ଟ୍ରକ୍ ଚାଳକ ଜଣକ ଘଟଣା ସ୍ଥଳରୁ ଫେରାର ହୋଇଯିବାକୁ ଉଦ୍ୟମ କରୁଥିବା ସମୟରେ କିଛି ଦୂରରେ ସ୍ଥାନୀୟ ଲୋକେ ତାକୁ କାବୁ କରି ପୋଲିସ ଜିମା ଦେଇଥିଲେ। ଗୁରୁତର ଯୁବତୀଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲେ। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ପୋଲିସ ଉଭୟ ଗାଡ଼ି ଜବତ କରି ତଦନ୍ତ ଚଳାଇଛି।

## ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ବେଳେ ମାଡି ବସିଲା ପୁଲିସ

**କନ୍ଧମାଳ, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଗୋଚ୍ଛାପଡା ଥାନା ଏବଂ ଫିରିଙ୍ଗିଆ ଥାନା ପକ୍ଷରୁ ଗଞ୍ଜେଇ କଟା ଅଭିଯାନ ଜାରି ରହିଥିବା ବେଳେ ଗଞ୍ଜେଇ ମାଫିଆ ମାନେ ବେଧଡକ ଭାବରେ ଗଞ୍ଜେଇ ଚାଲାଣ କରିଚାଲିଛନ୍ତି। ତେବେ ଗୋଚ୍ଛାପଡା ପୁଲିସ ୩ଟି ବାଇକ ସହ ୧୦୪ କିଲୋ ଗଞ୍ଜେଇ ଧରିବାରେ ସଫଳ ହୋଇଥିବା ବେଳେ ଘଟଣା ସ୍ଥଳରୁ ବାଇକ ସହ ଗଞ୍ଜେଇ ଛାଡି ମାଫିଆ ମାନେ ଫେରାର ହୋଇଯାଇଛନ୍ତି। ପୁଲିସର ସୂଚନା ଅନୁସାରେ କୌଣସି ସୂତ୍ରରୁ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ଖବର ପାଇ ଗୋଚ୍ଛାପଡା ଥାନା ଅଧିକାରୀ ପ୍ରଭାତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗୋଚ୍ଛାପଡା ଥାନା ଟକେରିଗୁଡା ନାଳ ନିକଟରେ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ମାଫିଆମାନେ ଗାଡି ସହ ଗଞ୍ଜେଇକୁ ଛାଡି ଫେରାର ହୋଇଯାଇଥିଲେ। ଗୋଚ୍ଛାପଡା ଥାନାରେ ଏହି ଘଟଣାକୁ ନେଇ ୨୪/୨୦୨୪ରେ ଏକ ମାମଲା ରୁଜୁ କରି ଜବତ ବାଇକ ସହ ଗଞ୍ଜେଇକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଭାତ କୁମାର ବେହେରା ସୂଚନା ଦେଇଥିବା ବେଳେ ଫେରାର ଅଭିଯୁକ୍ତମାନଙ୍କ ପରିଚୟ ମିଳି ସାରିଛି। ସେମାନଙ୍କୁ ମଧ୍ୟ ଖୁବଶୀଘ୍ର ଧରାଯିବ ବୋଲି ସୂଚନା ଦେଇଛନ୍ତି।

## କୃମି ନାଶକ ବଟିକା ଖାଇ ୨୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅସୁସ୍ଥ

**ନିଶ୍ଚିନ୍ତକୋଇଲି, ନ୍ୟୁଜ ବ୍ୟୁରୋ**



ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ବିଦ୍ୟାଳୟର ୨୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ କୃମୀନାଶକ ବଟିକା ଖାଇ ଗୁରୁତର ଭାବେ ଅସୁସ୍ଥ ହୋଇପଡିଛନ୍ତି। ଅସୁସ୍ଥ ଛାତ୍ର ଛାତ୍ରୀଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ କେନ୍ଦ୍ରକରି ଛାତ୍ରାଭିଭାବକ ମହଲରେ ତୀବ୍ର ଉତେଜନା ପ୍ରକାଶ ପାଇଛି। ଏହାର ତଦନ୍ତ ଦାବି ହୋଇଛି। ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କେତେକ କର୍ମଚାରୀ ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ନିମନ୍ତେ କୃମୀ ନାଶକ ବଟିକା ପ୍ରଦାନ କରିଥିଲେ। ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଖାଇସାରିବା ପରେ ଛାତ୍ରଛାତ୍ରୀଙ୍କୁ ଏହି ବଟିକା ଖାଇବା ନିମନ୍ତେ ଦିଆଯାଇଥିଲା। ଏହି ବଟିକା ଖାଇବାର ଅଳ୍ପ ସମୟ ମଧ୍ୟରେ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀଙ୍କର ମୁଣ୍ଡ ବୁଲାଇବା ସହ ବାନ୍ତି ଓ ଛାତିରେ ଯନ୍ତ୍ରଣା ଅନୁଭବ କରି ଶିକ୍ଷକଙ୍କୁ ପ୍ରକାଶ କରିଥିଲେ। ଏପରିକି କେତେକ ଛାତ୍ରଛାତ୍ରୀ ସଜ୍ଞାହୀନ ହୋଇପଡିଥିଲେ। ଏହି ଘଟଣା ପ୍ରଚାରିତ ହେବା କ୍ଷଣି ବିଦ୍ୟାଳୟରେ ଛାତ୍ରାଭିଭାବକଙ୍କ ଭିଡ ଜମିଥିଲା। ସ୍ଥାନୀୟଲୋକେ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ୧୦୮ ଏବଂ ଘରୋଇ ଆମ୍ବୁଲାନ୍ସ, ପ୍ରାଇଭେଟ ଗାଡି ଯୋଗେ ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ସମୟରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶହ ଶହ ସଂଖ୍ୟାରେ ଅଭିଭାବକଙ୍କର ଆସି ପହଞ୍ଚିଥିଲେ। କିଛି ସମୟ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭିଡ ଜମିବା ସହ ତୀବ୍ର ଉତେଜନା ପ୍ରକାଶ ପାଇଥିଲା। ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଅମିତ ଜେନା ତରଫରୁ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ନିମନ୍ତେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ଖବର ପାଇ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ସରପଞ୍ଚଙ୍କ ପ୍ରତିନିଧି ଅନନ୍ତ ଦାସ, ସମାଜସେବୀ ନିତ୍ୟାନନ୍ଦ ସେଠୀ, ରାଜକିଶୋର ସିଂ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଘଟଣାସ୍ଥଳରେ ପହଞ୍ଚି ଛାତ୍ର ଛାତ୍ରୀଙ୍କ ଚିକିତ୍ସାରେ ପୂର୍ଣ୍ଣ ସହଯୋଗ କରିଥିଲେ।

## କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଯାଜପୁର ଜିଲ୍ଲା ଗସ୍ତ

**ଯାଜପୁର, ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ, ରଞ୍ଜନ କୁମାର ଦାସ ଏକ ଦିନିକିଆ ଯାଜପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ ରାଜ୍ୟ ସରକାରଙ୍କର ଚାଲୁରହିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ତଦାରଖ କରିବା ସହ ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗ ନଗର, ଲଙ୍କେଶ୍ୱର ଅମାଥ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିରୁଦ୍ଧ ରାଉତରାୟଙ୍କ ଉପସ୍ଥିତିରେ ସମସ୍ତ ବିଡ଼ିଓ ଏବଂ ତହସିଲଦାର ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନଙ୍କ ସହ ଚାଲୁରହିଥିବା ଉନ୍ନୟନ ମୂଳକ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରିଥିଲେ। ଚଳିତ ବର୍ଷ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସମାପନ କରିବା, ଜାଗା ସମସ୍ୟା ଥିବା ପ୍ରକଳ୍ପ ଗୁଡ଼ିକର ତହସିଲଦାରମାନଙ୍କ ଅବଗତିକୁ ନେଇ ଉକ୍ତ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଆଗେଇ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ପୂର୍ତ୍ତ, ଜଳସେଚନ, କୃଷି, ଉଠାଜଳସେଚନ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ନିର୍ମାଣ, ରାଜସ୍ୱ, ଜଳସେଚନ, ଅଙ୍ଗନୱାଡ଼ି ନିର୍ମାଣ ଆଦି କାର୍ଯ୍ୟ ଉପରେ ବିଭାଗୀୟ ଅଧିକାରୀମାନଙ୍କୁ ପଚାରି ଅବଗତ ହୋଇଥିଲେ। ନଗଡା ଅଞ୍ଚଳକୁ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଗୁଡ଼ିକୁ କ୍ରମାଗତ ତଦାରଖ କରିବାକୁ ଜିଲ୍ଲା ସମାଜମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଜସ୍ୱ ଆଦାୟ ବୃଦ୍ଧି କରିବା, ସରକାରୀ ଜମି ଜବରଦଖଲ କେଶ୍ ଗୁଡ଼ିକୁ ସମାଧାନ କରିବା, ଶ୍ରମ ଅଧିକାରୀ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା, ସାମାଜିକ ସୁରକ୍ଷା ଯୋଜନାକୁ ନେଇ ବିଭିନ୍ନ ଯୋଜନାର ହିତାଧିକାରୀ ଭତ୍ତା ଯୋଜନାକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ଏଥି ସହ ଜିଲ୍ଲା ସମନ୍ୱୟ କମିଟି ବୈଠକ ଡକାଇ ସମସ୍ତ ଯୋଜନାର ରୂପରେଖକୁ ଫଳପ୍ରଦ କରାଇବା ଦିଗରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶୁଭଙ୍କର ମହାପାତ୍ରଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀନିବାସ କର, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ସାଲାଉଦ୍ଦିନ ଖାଁ, ଜିଲ୍ଲା ଫିଶରି ଅଫସର ପ୍ରମୋଦ କୁମାର ରାଉତ, ଜିଲ୍ଲା ସନ୍ତୋଷ କୁମାର ମହାନ୍ତି, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ କୃତିବାସ ବାରିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଉପନିର୍ଦ୍ଦେଶିକା, ପର୍ଯ୍ୟଟନ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୋନାଲି ବେହେରା, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବିଡ଼ିଓ ବଡ଼ଚଣା ରବୀନ୍ଦ୍ର ପ୍ରଧାନ, ଦଶରଥପୁର ତହସିଲଦାର ବିକ୍ରମ ପରିଡ଼ା, ବିଡ଼ିଓ ଆକାଶ ପଟ୍ଟନାୟକ, ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ଉଦିପ୍ତ କୁମାର ତ୍ରିପାଠୀଙ୍କ ସମେତ ତହସିଲଦାର, ବିଡ଼ିଓ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଅପରାଧରେ ମାତିଲେଣି ନାବାଳକ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଅପରାଧ ଦୁନିଆରେ ପାଦ ଥାପିଛନ୍ତି ଏବେ ନାବାଳକ । ଯାହାକି ସମାଜ ପାଇଁ ଚିନ୍ତାର କାରଣ ହୋଇଛି । ଗଞ୍ଜାମ ଜିଲ୍ଲାର ଅପରାଧ ରେକର୍ଡ଼ କହୁଛି, ଗତ ୩ ବର୍ଷରେ ୫୬୭ ନାବାଳକ ବିଭିନ୍ନ ମାମଲାରେ ସାମିଲ ହୋଇଛନ୍ତି । ହତ୍ୟା ସହିତ ବିଭିନ୍ନ ସଙ୍ଗୀନ୍ ଅପରାଧରେ ନାବାଳିକଙ୍କ ସମ୍ପୃକ୍ତି ଏବେ ଉଦ୍‌ବେଗ କାରଣ ହୋଇଛି । ବିଭିନ୍ନ ମାମଲାରେ ନାବାଳକ ଧରାପଡ଼ିବା ପରେ ସେମାନଙ୍କୁ କାଉନ୍‌ସେଲିଂ କରାଯାଉଛି। ଏହାସତ୍ତ୍ୱେ ସେମାନଙ୍କ ମଧ୍ୟରୁ କେତେକ ପୁଣିଥରେ ଅପରାଧ ରାସ୍ତାକୁ ଯାଉଥିବା ଦେଖିବାକୁ ମିଳୁଛି । ଅପରାଧ ନିୟନ୍ତ୍ରଣ ପାଇଁ ଗଞ୍ଜାମ ଜିଲ୍ଲାକୁ ଦୁଇଟି ପୋଲିସ ଜିଲ୍ଲାରେ ବିଭକ୍ତ କରାଯାଇଛି । ଗୋଟିଏ ହେଲା ଗଞ୍ଜାମ ପୋଲିସ ଓ ଦ୍ୱିତୀୟଟି ବ୍ରହ୍ମପୁର ପୋଲିସ୍। ଗଞ୍ଜାମ ପୋଲିସ ଜିଲ୍ଲାରେ ଗତ ୨୦୨୧ରୁ ୨୦୨୩ ମଧ୍ୟରେ ବିଭିନ୍ନ ଅପରାଧ ମାମଲାରେ ୪୧୬ ଜଣ ନାବାଳକଙ୍କ ସମ୍ପୃକ୍ତି ରହିଥିବା ରେକର୍ଡ଼ କହୁଛି। ସେହିପରି ବ୍ରହ୍ମପୁର ପୋଲିସ ଜିଲ୍ଲାର ଅପରାଧରେ ଏହି ୩ ବର୍ଷରେ ୧୫୧ ଜଣ ନାବାଳକଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି । ଅପରାଧ ମାମଲାରେ ନାବାଳକ ଧରାପଡ଼ିବା ପରେ ସେମାନଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ଼ (ଜେଜେବି)ରେ ହଜାର କରି ବାଳ ସୁଧାର ଗୃହକୁ ପଠାଯାଇଥାଏ । ବାଳ ସୁଧାର ଅପରାଧୀଙ୍କ ପାଇଁ ବ୍ରହ୍ମପୁରରେ ରହିଛି ବାଳ ସୁଧାର ଗୃହ । ସେହି ଗୃହରେ ରହିବା ସମୟରେ ନାବାଳକଙ୍କ ମାନସିକ ସ୍ଥିତିରେ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରାଯାଇଥାଏ। ଏଥିପାଇଁ ସେଠାରେ କାଉନ୍‌ସିଲର ରହିଛନ୍ତି । ନାବାଳକମାନେ କେଉଁ ପରିସ୍ଥିତିରେ ପଡ଼ି ଅପରାଧ ଘଟାଉଛନ୍ତି, ତାହା ବୁଝିବା ପରେ ସେମାନଙ୍କୁ ଠିକ୍ ରାସ୍ତାକୁ ଆଣିବାକୁ ପ୍ରୟାସ କରାଯାଇଥାଏ । କିନ୍ତୁ ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି ଯେ, ସେମାନଙ୍କ ମଧ୍ୟରୁ କେତେକ ବାଳ ସୁଧାର ଗୃହରୁ ଆସି ପୁଣିଥରେ ଅପରାଧରେ ସାମିଲ ହେଉଛନ୍ତି । ବାଳ ସୁଧାର ଗୃହର କର୍ମଚାରୀଙ୍କୁ ଲହୁଲୁହାଣ କରି ଚମ୍ପଟ ମାରିବା ଘଟଣା ମଧ୍ୟ ବିଗତ ବର୍ଷରେ ଘଟିଛି। ଗତ କିଛି ଦିନ ତଳେ ଖଲ୍ଲିକୋଟ ଥାନା ଅନ୍ତର୍ଗତ କୈରାଶି ଗ୍ରାମ ମାଛ ମାର୍କେଟ୍ ନିକଟସ୍ଥ ଭୀମସାଗର ପୋଖରୀ ହୁଡ଼ାରେ ଜଣେ ନାବାଳକଙ୍କ ଛୁରାମାଡ଼ରେ ଆଉ ଜଣେ ୧୭ ବର୍ଷର ନାବାଳକଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଖଲ୍ଲିକୋଟ ଥାନା ପୋଲିସ ଅଭିଯୁକ୍ତ ନାବାଳକକୁ ଠାବ କରିଥିଲା । ସମ୍ପୃକ୍ତ ନାବାଳକଙ୍କ ନାମରେ ପୂର୍ବରୁ ମଧ୍ୟ ମାମଲା ରହିଥିବା ପୋଲିସ କହିଛି । ପୂର୍ବରୁ ହୋଇଥିବା ଗଣ୍ଡଗୋଳରୁ ସୃଷ୍ଟି ହୋଇଥିବା ଶତ୍ରୁତାକୁ ନେଇ ଏଭଳି କାଣ୍ଡ ଘଟିଥିବା ତଦନ୍ତରେ ଜଣାପଡ଼ିଥିଲା । ତେବେ ଅତି କମ୍ ବୟସରେ ନାବାଳକମାନେ ଏତେ ଉଗ୍ର ହେବା ନିହାତି ଚିନ୍ତାର କାରଣ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ମାନସିକ ରୋଗ ବିଶେଷଜ୍ଞ ଡ଼ା. ବିଭୂକଲ୍ୟାଣ ସାହୁ କହନ୍ତି, କୌଣସି ନାବାଳକ ଜାଣିଶୁଣି ଅପରାଧରେ ସାମିଲ ହୋଇନଥାଏ । ଏଥିପାଇଁ ବିଭିନ୍ନ ପ୍ରକାର ପରିସ୍ଥିତି ଦାୟୀ । ତନ୍ମଧ୍ୟରୁ ଆର୍ଥିକ ଅଭାବ ଗୋଟିଏ । ବାଳ ସୁଧାର ଗୃହରେ ଯେତିକି କାଉନ୍‌ସେଲିଂ କରାଯାଉଛି, ତାହା ଯଥେଷ୍ଟ ହେଉନାହିଁ । ବାଳ ସୁଧାର ଗୃହରୁ ନାବାଳକ ବାହାରିବା ପରେ ସେମାନଙ୍କୁ କୌଣସି ପ୍ରକାର ଧନ୍ଦାମୂଳକ ଶିକ୍ଷାଦାନ କରି ଥଇଥାନ କରିବା ଆବଶ୍ୟକ । ସେହିପରି ବିଭିନ୍ନ ସମୟରେ ସ୍କୁଲ, କଲେଜରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ପିଲାଙ୍କୁ ସଚେତନ କରିବା ଦରକାର ବୋଲି ସେ କହିଛନ୍ତି ।

## ଆଜି ସୁବର୍ଣ୍ଣପୁରରେ ବିଶାଳ ଚାଷୀ ସମାବେଶ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

କଥାରେ ଅଛି ଯେଉଁଠି ଚାଷ ସମୃଦ୍ଧ ହୁଏ ସେଇ ରାଜ୍ୟ ଓ ଦେଶ ବି ସମୃଦ୍ଧ ହୋଇଥାଏ । ଚାଷୀ ହସିଲେ ଗାଁ ହସେ ଦେଶ ହସେ । କିନ୍ତୁ ଏ ସବୁର ପୁରା ବ୍ୟତିକ୍ରମ ଦେଖିବାକୁ ମିଳିଛି ଆମ ଓଡ଼ିଶା ରାଜ୍ୟରେ । ଆମ ଦେଶ ୭୫ ତମ ସ୍ୱାଧିନତା ପରେ ଓ ମହା ସମାରୋହରେ ଅମୃତ ମହୋତ୍ସବ ପାଳନ କଲା ପରେବି ଓଡ଼ିଶା ରାଜ୍ୟରେ ସବୁ ସରକାରଙ୍କ ଅତ୍ୟାଚାରରେ ଏ ରାଜ୍ୟର ଚାଷୀ ଅତିଷ୍ଠ ହୋଇ ପଡିଛନ୍ତି। ଆଉ ଯେଉଁ ପଶ୍ଚିମ ଓଡ଼ିଶାକୁ ରାଜ୍ୟର ଭାତ ହାଣ୍ଡି ବୋଲି ଆମ ଅଞ୍ଚଳର ଲୋକ ପ୍ରତିନିଧିମାନେ ଭାଷଣରେ ଡିଣ୍ଡିମ ପିଟୁଛନ୍ତି । ଏଠିକାର ଚାଷୀଙ୍କ ଦୁଃଖ ଦୁର୍ଦ୍ଦଶା ଦେଖିଲେ ସାରା ଦେଶ ହସିବ। ଦୀର୍ଘ ୪୦/୫୦ ବର୍ଷ ଯାଏ ଚାଷୀମାନେ ରାଜ୍ୟରେ ନିଜର ହକ୍ ପାଇଁ ଲଢେଇ କରି ନୟାନ୍ତ ହୋଇ ପଡିଲେଣି । ତେଣୁ ଚାଷୀ ସଂକଳ୍ପ ନେଇଛି ଚାଷୀ ମାରଣ ନୀତି ଆପଣେଇ ଥିବା ସରକାର୍ ବିରୁଦ୍ଧରେ ଶାଣିତ ସ୍ୱର ଉତ୍ତୋଳନ କରିବ ଏବଂ ନିଜର ନ୍ୟାର୍ଯ୍ୟ ଦାବି ହାସଲ ହେବା ପର୍ଯ୍ୟନ୍ତ ସହିଦ୍ ହେବ ପଛେ କିନ୍ତୁ ଆନ୍ଦୋଳନରୁ ନ ହଟିବାକୁ ଦୃଢ଼ ପ୍ରତିଜ୍ଞା କରିଛନ୍ତି। ଜିଲ୍ଲାର ଅଗଣିତ ଚାଷୀ ଆସନ୍ତା ୧୨ ତାରିଖରେ ସୋନପୁର ରୟାଲ ପଡ଼ିଆ ଠାରେ ଏକତ୍ରିତ ହୋଇ ଏକ ବିଶାଳ ଚାଷୀ ସମାବେଶ କରିବେ । ଏକ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କୁ ୧୧ ଦଫା ଦାବି ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରିବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଚାଷୀ ନେତା ପଦ୍ମଲୋଚନ ମିଶ୍ର, ପ୍ରଦୀପ ପୁରୋହିତ ଓ ମିତ୍ରବ୍ରତ ମିଶ୍ର ପ୍ରକାଶ କରିଛନ୍ତି । ଅନ୍ୟ ରାଜ୍ୟ ପରି ଚାଷୀଙ୍କୁ ୯୧୭ ଟଙ୍କା ବୋନସ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୫୦୦ ଟଙ୍କାକୁ ବୃଦ୍ଧି, ଚାଷୀଙ୍କ ଋଣ ଓ ବିଦ୍ୟୁତ୍ ଶୁଳ୍କ ଛାଡ଼ ସହିତ ଧାନର ଟୋକନ ବ୍ୟବସ୍ଥା ଉଚ୍ଛେଦ, ସବୁଠି ଚାଷୀଙ୍କୁ ଉଚିତ୍ ସମ୍ମାନ ପ୍ରଦାନ ପ୍ରମୁଖ ୧୧ ଗୋଟି ଦାବି ଏଥିରେ ଉଲ୍ଲେଖ ଅଛି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କୃଷକ ସଂଘ ସଭାପତି ବୈକୁଣ୍ଠ ଶତପଥୀ, ସମ୍ପାଦକ ଚିତ୍ତ ରଂଜନ ଗର୍ତିଆ, ଚାଷୀ ନେତା ନରୋତ୍ତମ ପଧାନ, ନରେନ୍ଦ୍ର ଆଚାର୍ଯ୍ୟ, ବିଶେଶ୍ୱର ପାଣିଗ୍ରାହୀ, ମାଗୁଣି ସାହୁ, ତିରୁପତି ପଣ୍ଡା, ଭୋଳା ବର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଁଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୨।୨।୨୦୨୪, ମାଘ ଦି୨୯ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬/୧୮/୩୨ ଚନ୍ଦ୍ରୋଦୟ- ରାଘ୮।୫।୦୫**

**ତୃତୀୟା-** ସଂଘ୫/୪୬ ପର୍ଯ୍ୟନ୍ତ। **ପୂର୍ବଭାଦ୍ର ନକ୍ଷତ୍ର-** ଦିଘ ୨/୫୮ ପର୍ଯ୍ୟନ୍ତ, କୁମ୍ଭଚନ୍ଦ୍ର- ଦିଘ୯/୩୬ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। ଦିଘ ୯/୩୩ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତଚନ୍ଦ୍ର-**ମିଥୁନ ଓ ମୀନ ରାଶିର ଦିଘ ୯/୩୬ ଗତେ ଧନୁ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ପାର୍ବଣଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଟଳ ସଂଘ ୫/୪୬ ପରେ ମୂଳା ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬/୨୨ ଗତେ ଘ ୭/୪୬ ମଧ୍ୟେ, ଦିଘ ୧୧/୫୪ ଗତେ ଘ ୧/୦୮ ମଧ୍ୟେ। **ପ୍ରର୍ବୋତ୍ସବ-**ଶରଣ ପଞ୍ଚକ ଶେଷ। ମାସନ୍ତ।



**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।



**ବୃଷ:** ଦୁଃସାଧ୍ୟ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।



**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



**କର୍କଟ:** ଶୁଭ ଖବର ପାଇ ଆନନ୍ଦିତ ହେବେ। ବ୍ୟବସାୟ ମଧ୍ୟମ ଧରଣର ହେବ। ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ। ଖର୍ଚ୍ଚର ମାତ୍ରା ବଢିପାରେ। ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ।



**ସିଂହ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା। ଦେହ ଓ ମନ ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି। ଅୟ ଯୋଗ ମଧ୍ୟ।



**କନ୍ୟା:** ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡିପାରେ। କୁ ଭୋଜନ କରି ଉଦର ପୀଡା ଦେଖାଦେଇପାରେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେବାର ସୂଚନା।



**ତୁଳା:** ବ୍ୟବସାୟରୁ ଲାଭବାନ ହେବେ। ପାରିବାରିକ ଜୀବନ ହସିଲା ପୂରିଲା ହେବ। ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ। ଆୟ ଓ ବ୍ୟୟ ସମାନ ରହିବାର ସୂଚନା।



**ବିଛା:** ଶତ୍ରୁ ପରାସ୍ତ ହେବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଭ୍ରମଣ ଯୋଗ ରହିଛି। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମନ ଭଲ ରହିବ।



**ଧନୁ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ। ପାରିବାରିକ ଜୀବନ ଶାନ୍ତି ମୟ ହେବ। ଆୟର ପରିମାଣ ବଢିବାର ସୂଚନା।



**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ବ୍ୟୟର ପରିମାଣ ଅଧିକ ହେବ। ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ।



**କୁମ୍ଭ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ। କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ରୋଜଗାର ଭଲ ହେବ।



**ମୀନ:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ। ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବ। ଆୟ ମଧ୍ୟମ ଧରଣର ହେବ। ଘରେ ଶାନ୍ତିର ବାତାବରଣ ରହିବ। ମହିଳାମାନେ ସୁଖୀ ହେବେ।

## ବସନ୍ତପୁରାରେ ଅଗ୍ନିକାଣ୍ଡ: ୪ ବଖରା ଭସ୍ମୀଭୂତ



ବିପନ୍ନ ପରିବାରକୁ ବିଜେପିର ସହାୟତା

**ଆନନ୍ଦପୁର, ନ୍ୟୁଜ ବ୍ୟୁରୋ**

ଘଡିପୁରା ବ୍ଲକ ଅନ୍ତର୍ଗତ ଭଣ୍ଡାରିଡିହା ପଞ୍ଚାୟତ ବସନ୍ତପୁରା ଗ୍ରାମରେ ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ହୋଇଛି। ରାତି ପ୍ରାୟ ୧୨ଟାରେ ବିଦ୍ୟୁତ୍ ସଟସର୍କିଟ ଯୋଗୁ କୃଷ୍ଣଚନ୍ଦ୍ର ଜେନା (୬୫)ଙ୍କ ୪ ବଖରା ଘର ସଂପୂର୍ଣ୍ଣ ଜଳିପୋଡ଼ି ଯାଇଛି। ଘରେ ଥିବା ଧାନ, ଚାଉଳ, ଟିଭି, ବାସନ, ଆସବାବପତ୍ର, ନଗଦ ଅର୍ଥ ଓ କିଛି ସୁନା ଅଳଙ୍କାର ପୋଡ଼ି ପାଉଁଶ ହୋଇଯାଇଛି। ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ହୋଇଥିଲେ ମଧ୍ୟ ପରିବାରର ୭ ଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ଯୁବ ବିଜେପି ନେତା ଯଜ୍ଞ ପ୍ରସାଦ ସାହୁ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ସେହିପରି ପରିବାରର ସମସ୍ତଙ୍କ ପାଇଁ ପୋଷାକ, ଲୁଗା, ରାସନ୍ ଆଦି ବିଜେପି ନେତା ଶ୍ରୀ ପ୍ରସାଦ ପ୍ରଦାନ କରିଛନ୍ତି। ଦିନ ପ୍ରାୟ ୧୨ଟାରେ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତି ଅନୁଧ୍ୟାନ କରି କେବଳ ପଲିଥିନ ପ୍ରଦାନ କରିଥିବା ସୂଚନା ମିଳିଛି। ଶ୍ରୀ ପ୍ରସାଦଙ୍କ ସହ ସ୍ଥାନୀୟ ସମିତି ସଭ୍ୟା ସୁଭାଷିନୀ ରାଉତ, ବରିଷ୍ଠ ନେତା ପ୍ରଣବ ପୁହାଣ, ଭଗବାନ ମହାରଣା, ବିସ୍ତାରକ ମାନସ ସା, ହାଡିବନ୍ଧୁ ସା ପ୍ରମୁଖ ବିପନ୍ନ ପରିବାରକୁ ଭେଟିଥିଲେ।

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
• ବର୍ଷ–୩୧ • ସଂଖ୍ୟା–୧୭ • ୧୨ ଫେବୃୟାରୀ ୨୦୨୪, ସୋମବାର • ଭୁବନେଶ୍ୱର • Vol -31 • Issue-17 • 12nd February 2024, Monday • Bhubaneswar
Licensed to post without pre-payment of postage No- BN-60/22-24

## ୧୯ ବର୍ଷରୁ କମ୍ ବିଶ୍ୱକପ : ଭାରତକୁ ୭୩ ରନରେ ହରାଇ ଅଷ୍ଟ୍ରେଲିଆ ଚମ୍ପିଅନ






30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଫେବୃୟାରୀ ୨୦୨୪ ସୋମବାର



# କେନାଲ ବନ୍ଧ ପାଲଟିଛି ମରଣଯନ୍ତା:ପଥଚାରୀ ହଟହଟା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଅଧିନରେ ଥିବା ୮ ନମ୍ବର କ କେନାଲ ବନ୍ଧ ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି । ଏହି ରାସ୍ତାକୁ ମରାମତି କରାଯିବା ନିମନ୍ତେ ବିଭାଗୀୟ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏହି ରାସ୍ତା ମରାମତି କରାନଗଲେ ସ୍ଥାନୀୟ ଲୋକେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚରମ ଚେତାବନୀ ଦେଇଛନ୍ତି । ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଳ ଗ୍ରାମ ପଞ୍ଚାୟତ ଜଗନ୍ନାଥପୁର ଠାରୁ ଆରମ୍ଭ କରି ରାମକୃଷ୍ଣପୁର ଗ୍ରାମପଞ୍ଚାୟତ ଦହପଡା ପର୍ଯ୍ୟନ୍ତ ୮ କ କେନାଲ ବନ୍ଧ ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି । ଏହି ରାସ୍ତାର ବହୁ ସ୍ଥାନରେ ବିରାଟ ବିରାଟ ଗାତ ସୃଷ୍ଟି ହୋଇଛି । ଟିକିଏ ବର୍ଷା ହେଲେ ଗାତରେ ପାଣି ଭରି ରହିବା ଯୋଗୁ ରାସ୍ତାଟି କୃତ୍ରିମ ହ୍ରଦଭଳି ମନେ ହେଉଛି । ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଏହି ରାସ୍ତାରେ ଯାନ ବାହାନ ଗମନା ଗମନ କରିବା ତ ଦୂରର କଥା ଏପରିକି ଖାଲି ପାଦରେ ଚାଲିକି ଯିବା କାଠିକରପାଠ ଅଟେ । ଏହି ରାସ୍ତା ଦେଇ ସ୍ଥାନୀୟ ଜୟରାମପୁର, ଫଗୋଳ, ରାମକୃଷ୍ଣପୁର, ଜିଗ୍ନିପୁର ମାହାଙ୍ଗା ବ୍ଲକର ପଲ୍ଲିସାହି, ଶୁକ୍ଲେଶ୍ୱର ସମେତ ସାଲେପୁର ବ୍ଲକର ବହୁ ପଞ୍ଚାୟତର ଶହ ଶହ ଲୋକ ଓ ସ୍କୁଲ କଲେଜ ଛାତ୍ର ଛାତ୍ରୀମାନେ ଏହି ରାସ୍ତା ଦେଇ ଯାଆସ କରିଥାନ୍ତି । ଏହି ରାସ୍ତାର ଅବସ୍ଥା ଏପରି ହୋଇଛି ଯେ କହିଲେ ନସରେ । ଏପରିକି ଖରାଦିନେ ମଧ ଏହି ରାସ୍ତାରେ ପାଣି ଜମି ରହିଥିବାର ଦେଖିବାକୁ ମିଳିଛି । ଜରୁରୀ କାଳୀନ ପରିସ୍ଥିତିରେ ସ୍ଥାନୀୟ ଗ୍ରାମଗୁଡିକୁ



ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇଆସି ପାରୁନାହିଁ । ଫଳରେ ବହୁ ସମୟରେ ଲୋକେ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇନପାରି ଅକାଳରେ ମୃତ୍ୟୁ ମୁଖରେ ପଡୁଥିବାର ଅଭିଯୋଗ ହୋଇଛି । ଉପାନ୍ତ ଅଞ୍ଚଳରେ ଏପରି ରାସ୍ତାଘାଟ ଦେଖିବାକୁ ମିଳୁଥିଲା ବେଳେ ଉପକୂଳ ଅଞ୍ଚଳରେ ଏପରି ରାସ୍ତା ଦେଖିବାକୁ ମିଳିବା ଘଟଣାଟି ପ୍ରଶାସନର ଅସଲ ପାରିବା ପଣିଆକୁ ପଦାରେ ପକାଇ ଦେଇଥିବାର ଚର୍ଚ୍ଚା ହେଉଛି । ପ୍ରତିବର୍ଷ ଏହି ରାସ୍ତା ମରାମତି ସରକାରୀ କାଗଜକଲମରେ କରାଯାଇ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଉଠାଇ ନିଆଯାଇଥିବାର ଅଭିଯୋଗ ହୋଇଛି । ଜଳ ସମ୍ପଦ ବିଭାଗ ତରଫରୁ ଏଦିଗରେ କୌଣସି ସମୁଚିତ ପଦକ୍ଷେପ ଗ୍ରହଣ କରାଯାଇନଥିଲା ବେଳେ ଏହି ରାସ୍ତାଟି କାଳେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିବାର ସାଧାରଣରେ କୁହାଯାଉଛି । ଅପରପକ୍ଷରେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଆବଶ୍ୟକତା ନଥାଇ ଏକାଧିକ ରାସ୍ତାକୁ ବାରମ୍ବାର ମରାମତି କରାଯାଉଥିଲା ବେଳେ ଏହି ରାସ୍ତାକୁ କଣ ପାଇଁ ଅଣଦେଖା କରାଯାଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହି ରାସ୍ତାକୁ ମରାମତି କରାନଗଲେ ସ୍ଥାନୀୟ ଲୋକେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ପୂର୍ବତନ ସମିତି ସଭ୍ୟ ପ୍ରଫୁଲ କୁମାର ରାଉତଙ୍କ ସମେତ ସ୍ଥାନୀୟ ଲୋକେ ଚରମ ଚେତାବନୀ ଦେଇଛନ୍ତି ।

# ‘ଭାଷା ହେଉଛି ଜାତିର ସ୍ୱାଭିମାନର ପ୍ରତୀକ’

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ଭାଷା ଅତୀତର ଅସ୍ତିତ୍ୱ ଓ ଭାଷା ହିଁ ଭବିଷ୍ୟତ । ଭାଷା ହେଉଛି ଜାତିର ସ୍ୱାଭିମାନର ପ୍ରତୀକ। ୨୦୧୪ ମସିହାରେ ଓଡ଼ିଆ ଭାଷାକୁ ମିଳିଥିଲା ଶାସ୍ତ୍ରୀୟ ମାନ୍ୟତା । ଓଡ଼ିଆ ଭାଷାକୁ ଉଜ୍ଜୀବିତ କରି ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ । ରାଜ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେଉଥିବାରୁ ଏହା ନିଶ୍ଚିତ ଭାବରେ ଆମ ଓଡ଼ିଆ ଭାଷାକୁ ସମୃଦ୍ଧି ପଥରେ ଆଗେଇ ନେବା ନିମନ୍ତେ ଏକ ସଫଳ ପ୍ରୟାସ। ଜିଲ୍ଲା ସମଗ୍ର ଶିକ୍ଷା, କଟକ ଆନୁକୁଲ୍ୟରେ ରେଲୱେ ହାଇସ୍କୁଲ ପରିସରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇ ବକ୍ତାମାନେ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି । ଜିଲ୍ଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ର ପ୍ରାରମ୍ଭରେ ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷା ସଂଯୋଜିକା ଡକ୍ଟର ସୁଚିସ୍ମିତା ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ଉପ ସଭାପତି ଡକ୍ଟର ସୁନାମଣି ରାଉତ, ବିଶିଷ୍ଟ ସାହିତ୍ୟିକା ଡକ୍ଟର ସୁବାଶିନି ଲେଙ୍କା, ଡକ୍ଟର ବୈଜୟନ୍ତୀ ମିଶ୍ର, ସରୋଜିନୀ ମିଶ୍ର, କଲ୍ୟାଣୀ ନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଭାଷାକୁ ଭିତ୍ତି କରି ଓଡ଼ିଶା ରାଜ୍ୟ ଗଠନ ହୋଇଥିବା କହିଥିଲେ। ସର୍ବପ୍ରାଚୀନ ଏହି ଭାଷାର ଲିପି ଇତିହାସରେ ଲିପିବଦ୍ଧ ହୋଇରହିଛି। ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଶିକ୍ଷକ ଶିକ୍ଷୟତ୍ରୀ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଟକ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରଯାଇଥିଲା ।



# କୃମି ଆକ୍ରାନ୍ତ ଶିଶୁ ରକ୍ତହୀନତାର ଶିକାର ହୁଏ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପୁରୁଣା ମୁଖ୍ୟ ଚକିତ୍ସାଳୟ ସମ୍ମିଳନୀ କକ୍ଷରେ ଜାତୀୟ କୃମିନାଶକ ଦିବସ ପାଳନ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡାକ୍ତର ନୃପେନ ଶତପଥୀ, କୃଷ୍ଣଚନ୍ଦ୍ର ଲୋହା, ଡି.ପି.ଏଚ୍.ସି.ଓ ମିନତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କୃମି ଦ୍ୱାରା ଆକ୍ରାନ୍ତ ଶିଶୁ ଅପପୁଷ୍ଟି ଯୋଗୁଁ କ୍ଲାନ୍ତ ଅନୁଭବ କରିବା ସହ ରକ୍ତହିନତାରେ ଆକ୍ରାନ୍ତ ହୁଏ ଓ ଶିଶୁର ଶାରିରିକ ତଥା ବୌଦ୍ଧିକ ବିକାଶରେ ଏହା କ୍ଷତି ପହଞ୍ଚାଇ ଥାଏ ବୋଲି ପ୍ରକାଶ କରିଥିଲେ । ତେଣୁ ପ୍ରତ୍ୟେକ ଶିଶୁ ମାନଙ୍କୁ ଏକ ବର୍ଷରୁ ଆରମ୍ଭ କରି ୧୯ ବର୍ଷ ପର୍ଯ୍ୟନ୍ତ ବର୍ଷକୁ ୨ଥର ନିୟମିତ ଭାବରେ ଆଲବେଣ୍ଡାଜଲ ମାତ୍ରା ଦେଲେ ପିଲା ସୁସ୍ଥ ରହିବା ସହ ଅପପୃଷ୍ଟିରୁ ମୁକ୍ତି ମିଳିଥାଏ । ଏଥିସହିତ ୨୪ ବର୍ଷ ପର୍ଯ୍ୟନ୍ତ ମହିଳା ମାନଙ୍କୁ ଆଲବେଣ୍ଡାଜଲର ଗୋଟିଏ ମାତ୍ରା ଦେବାପାଇଁ ବ୍ୟବସ୍ଥା କରାଯାଇଛି । ସ୍କୁଲରେ ପାଠ ପଢୁନଥିବା ପିଲା ମାନଙ୍କୁ ଅଙ୍ଗନୱାଡିରେ ଏହି ମାତ୍ରା ଦେବାପାଇଁ ବ୍ୟବସ୍ଥା କରାଯାଇଛି । ଏକ ବର୍ଷରୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁ, ସ୍କୁଲକୁ ଯାଉନଥିବା ପିଲା ଏବଂ ୨୪ ବର୍ଷ ପର୍ଯ୍ୟନ୍ତ ମହିଳା ମାନଙ୍କୁ ଏହି ବଟିକାର ଡୋଜ୍ ଦେବାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଯେଉଁମାନେ ୧୦ ତାରିଖରେ ଏହି ଡୋଜ୍ ନେଇନପାରିବେ ସେମାନଙ୍କ ପାଇଁ ଆସନ୍ତା ୧୭ ତାରିଖରେ ମଧ ଡୋଜ୍ ଦେବାର ବ୍ୟବସ୍ଥା କରାଯାଇଛି । ୧ ରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କ ପାଇଁ ସିରପ୍‌ର ବ୍ୟବସ୍ଥା କରାଯାଇଛି ବୋଲି ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର ପ୍ରକଶ କରିଛନ୍ତି ।

## ବ୍ରାହ୍ମଣୀ ଓ ଖରସ୍ରୋତାରୁ ବେଆଇନ୍ ବାଲି ଉଠାଣ

# ପ୍ରଶାସନିକ ସ୍ଥାଣୁତାରୁ ବାଲି ମାଫିଆଙ୍କ ପ୍ରାଦୁର୍ଭାବ ବଢୁଛି

**ରସୁଲପୁର, ନ୍ୟୁଜ୍ ବ୍ୟୁରୋ**

ରସୁଲପୁର ବ୍ଲକ ସମୀନ୍ତବର୍ତ୍ତି ଅଞ୍ଚଳରେ ବହିଯାଇଥିବା ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ବେଆଇନ୍ ଭାବରେ ବାଲି ଉଠାଣ କରାଯାଉଛି । ଏ ନେଇ ବିଭିନ୍ନ ମହଲରୁ ପ୍ରଶାସନିକ ଅଧିକାରୀମାନଙ୍କ ନିକଟରେ ଅଭିଯୋଗ କରାଯାଉଛି । ଅଧିକାରଙ୍କ ସ୍ଥାଣୁତା ଯୋଗୁଁ ବାଲି ମାଫିଆମାନଙ୍କର ପ୍ରାଦୁର୍ଭାବ ବଢିବାରେ ଲାଗିଛି । ଏହିଭଳି ଭାବରେ ଦୈନିକ ଶହ ଶହ ଟ୍ରିପ୍ ବାଲି ବେଆଇନ୍ ଭାବରେ ଚାଲଣ କରାଯାଉଛି । ରାଜସ୍ୱହାନୀ ଘଟିବା ସହ ସାଧାରଣ ଜନତାଙ୍କୁ ଅକଥନୀୟ ସମସ୍ୟାର ସମ୍ମୁଖିନ ହେବାକୁ ପଡୁଛି । ଏଭଳି ସ୍ଥିତି ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ପରିଲକ୍ଷିତ ହେଉଛି । ସେଥିମଧ୍ୟରୁ ଖରସ୍ରୋତା ନଦୀର ଖଣ୍ଡିତର ନିକଟରୁ ବେଆଇନ୍ ଭାବରେ ଚାଲିଥିବା ବାଲିଘାଟ ଅନ୍ୟତମ ଅଟେ । ଏହି ଘାଟରୁ ବେଆଇନ୍ ବାଲି ଚାଲାଣକୁ ସାମାଜିକ ସଂଗଠନ ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିରୋଧ କରାଯାଇଛି । ଟ୍ରଷ୍ଟର ସଭାପତି ଗୟାଧର ମଲିକ ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଏ ଦିଗରେ ରସୁଲପୁର ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କରି ତାଙ୍କର ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି । ତହସିଲ ପ୍ରଶାସନର ଟାଳଟୁଳନୀତି ଅବଲମ୍ବନ ଯୋଗୁଁ ବାଲିମାଫିଆମାନେ ବେଫିକର ବାଲିଚାଲଣ କରୁଛନ୍ତି । ମୋଟାମୋଟି କହିବାକୁ ଗଲେ ଏଠାରେ ପ୍ରଶାସନିକ ଅଧିକାରୀଗଣ ବେଆଇନ୍ ବାଲିଚାଲଣକୁ ବନ୍ଦ କରିବାରେ ବିଫଳ ହୋଇଛନ୍ତି । ଏଭଳି ଘଟଣାକୁ ନେଇ ମଙ୍ଗଳବାର ଟ୍ରଷ୍ଟ ପକ୍ଷରୁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି । ଅଭିଯୋଗରୁ ଜଣାଯାଇଛି କି ଏଠାରେ ପ୍ରାୟତଃ ୧ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳଧରି ବାଲି ଉଠାଣ ହେଉଛି । ଯାହାକି ସମ୍ପୂର୍ଣ୍ଣ ଭାବରେ ବେଆଇନ୍ ଅଟେ । ଏକଦା ଏହି ଘାଟକୁ ତହସିଲ ପକ୍ଷରୁ ନିଲାମ ଦିଆଯାଇଥିଲା । ସ୍ଥାନୀୟ ଲୋକେ ବାଲିଘାଟିକୁ ଚଲାଇ ଦେଲେନାହିଁ । ଲିଜ୍‌ଧାରୀକୁ ବିରୋଧ କରିବାରୁ ଦୀର୍ଘଦିନ ବାଲି ଉତ୍ତୋଳନ ହୋଇପାରିଲା ନାହିଁ । ପରେ ପ୍ରଶାସନ ପକ୍ଷରୁ ଏହି ଘାଟର ନିଲାମ ବାତିଲ କରିଦିଆଯାଇଥିଲା । ସେବେଠାରୁ ସ୍ଥାନୀୟ ଅଞ୍ଚଳର କିଛି ପ୍ରଭାବଶାଳୀ ଲୋକ ବାଲି ଉତ୍ତୋଳନ କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି । ଅଭିଯୋଗକାରୀମାନେ ଉକ୍ତ ବାଲିଘାଟକୁ ବନ୍ଦ କରିବା ପାଇଁ ଦାବି କରିବା ସହ ବିଭିନ୍ନ ସ୍ଥାନରେ ବେଆଇନ୍ ଭାବରେ ଗଚ୍ଛିତ ରଖାଯାଇଥିବା ବାଲିଗଦାକୁ ପ୍ରଶାସନ ପକ୍ଷରୁ ଠାବ କରାଯାଉ ବୋଲି ଜିଲାପାଳଙ୍କୁ ନିବେଦନ କରିଛନ୍ତି । ବେଆଇନ୍ ବାଲି ଉଠାଣରେ ବ୍ୟବହୃତ ହେଉଥିବା ଗାଡିମଟରଗୁଡିକ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପ୍ରସ୍ତାବ ଦେଇଛନ୍ତି । ଏହାବାଦ୍ ବେଆଇନ ବାଲି ଉତ୍ତୋଳନକୁ ପ୍ରଶାସନ ପକ୍ଷରୁ ନଜର ଅନ୍ଦାଜ କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଟ୍ରଷ୍ଟ ପକ୍ଷରୁ ନିବେଦନ କରାଯାଇଛି । ବାଲି ଉଠାଣ କେବଳ କିଛି ଗୋଷ୍ଠୀର ଲାଭ ହେଉଥିବା ବେଳେ ଏହା ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ପାଇଁ ନାନା ସମସ୍ୟା ଉପୁଯାଉଛି ବୋଲି କୁହାଯାଉଛି । ଏ ଦିଗରେ ପ୍ରଶାସନିକ ସ୍ତରରେ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆନଗଲେ ଟ୍ରଷ୍ଟର ସଭାପତି ମଲିକ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି ।

# ସୂଚନା ଆଇନ ୨୦୦୫ ସମ୍ପର୍କିତ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ




**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ରଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ସୂଚନା ଆଇନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନର ସହଯୋଗ କ୍ରମେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ବିଭାଗର ପ୍ରଥମ ଅପିଲ କର୍ତ୍ତୃପକ୍ଷ ଏବଂ ଜନ ସୂଚନା ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଯାଇଥିଲା । ସୂଚନା ଅଧିକାର ଆଇନ, ୨୦୦୫ ଅଧୀନିୟମ / ୪ (୧) ଧାରା ପ୍ରକାରେ ସମସ୍ତ କାର୍ଯ୍ୟାଳୟ ଗୁଡିକର ତଥ୍ୟ ପ୍ରକାଶନ, କାର୍ଯ୍ୟଧାରା, ଲୋକଙ୍କ ନିମନ୍ତେ ପ୍ରଦତ୍ତ କରାଯାଉଥିବା ସମ୍ପୃକ୍ତ କାର୍ଯ୍ୟାଳୟର ସେବା ଏବଂ ସେହି ସେବା କିଭଳି ପାଇବେ ସେଗୁଡିକର ତଥ୍ୟ ଅନ୍‌ଲାଇନ୍ ମାଧ୍ୟମରେ କିଭଳି ପ୍ରକାଶନ କରିବେ ତାହା ପ୍ରଶିକ୍ଷଣ ମାଧ୍ୟମରେ ଆଭାସୀ ଜରିଆରେ ଯୋଡି ହୋଇ ରାଜ୍ୟ ସୂଚନା ଅଧିକାର ପରିଚାଳନା ଦିଗରେ କାର୍ଯ୍ୟ କରୁଥିବା ହର୍ଷ ପରିଚ୍ଛା ପ୍ରାଞ୍ଜଳ ଭାବରେ ଆଭାସୀ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ମାର୍ଗ ଦର୍ଶନ ପ୍ରକାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ କର୍ମଶାଳାରେ ଉପସ୍ଥିତ ରହି ପ୍ରଶିକ୍ଷଣର ଆବଶ୍ୟକତା ଏବଂ ଏହାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ସୁପ୍ରିମକୋର୍ଟ ନିର୍ଦ୍ଦେଶ ମୁତାବକ ଅଧୀନିୟମ ପ୍ରକାରେ ଜନସୂଚନା ପ୍ରଦାନ କରିବାର ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ । ଗଞ୍ଜାମ ଜିଲ୍ଲାର ସମସ୍ତ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଏବଂ ଜନ ସୂଚନା ଅଧିକାରୀଗଣ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଏହାର ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ରେଭେନ୍ସା ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୨୫୦ କୋଟି ମଞ୍ଜୁର କଲେ ରାଜ୍ୟ ସରକାର

**କଟକ, ନ୍ୟୁଜ୍ ବ୍ୟୁରୋ**

ରେଭେନ୍ସା ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ୨୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହି ଟଙ୍କାରେ ରେଭେନ୍ସାରେ ଅଧିକ ଛାତ୍ରାବାସ, ଛାତ୍ରୀନିବାସ, ସ୍ମାର୍ଟ ଶ୍ରେଣୀ ଗୃହ, ଆଧୁନିକ ଶୌଚାଳୟ ଓ କ୍ରୀଡା ଭିତ୍ତିଭୂମି ଆଦି ନିର୍ମାଣ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି । ଏହାଦ୍ୱାରା ରେଭେନ୍ସା ଭିତ୍ତିଭୂମି ଦୃଷ୍ଟିରୁ ରାଜ୍ୟରେ ଅଗ୍ରଣୀ ବିଶ୍ୱିଦ୍ୟାଳୟରେ ପରିଣତ ହେବ ବୋଲି କହିଛନ୍ତି ମନ୍ତ୍ରୀ । ସରକାର ମଞ୍ଜୁର କରିଥିବା ୨୫୦ କୋଟି ଟଙ୍କା ରେଭେନ୍ସାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରାଯିବା ନେଇ ଯୋଜନା ରହିଛି । ଛାତ୍ରାବାସ, ଛାତ୍ରୀନିବାସ, ସ୍ମାର୍ଟ ଶ୍ରେଣୀ ଗୃହ, ଆଧୁନିକ ଶୌଚାଳୟ ଓ କ୍ରୀଡ଼ା ଭିତ୍ତିଭୂମି ଆଦି ନିର୍ମାଣ କରାଯିବ ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି । ଏହାଦ୍ୱାରା ରେଭେନ୍ସା ଭିତ୍ତିଭୂମି ଦୃଷ୍ଟିରୁ ରାଜ୍ୟରେ ଅଗ୍ରଣୀ ବିଶ୍ୱବିଦ୍ୟାଳୟରେ ପରିଣତ ହେବ ବୋଲି କହିଛନ୍ତି ମନ୍ତ୍ରୀ ।

# ଗଞ୍ଜାମ ଜିଲ୍ଲା ବିଜେପି ଏସ୍‌ସି ମୋର୍ଚ୍ଚା ସଭାପତି ରୂପେ କୀର୍ତ୍ତନ ଦାସ ମନୋନୀତ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ବିଜେପି ଏସି ମୋର୍ଚ୍ଚା ସଭାପତି ଭାବେ କୀର୍ତ୍ତନ ଦାସ ମନୋନୀତ ହୋଇଛନ୍ତି । ଏହି ଦାୟିତ୍ୱ ମିଳିବା ପରେ ସେ ଦଳ ପକ୍ଷରୁ ତାଙ୍କୁ ଯେଉଁ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି ତାହା ସେ ସୂଚରୁ ରୂପେ ତୁଲାଇବେ ବୋଲି ଗଣମାଧମ ନିକଟରେ ପ୍ରକାଶ କରିଛନ୍ତି । ଜିଲ୍ଲା ଦାୟିତ୍ୱ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ସେ ୩୦ ବର୍ଷ ଧରି ଭାରତୀୟ ଜନତା ପାର୍ଟିରେ ରହି ଦଳ ପାଇଁ କାର୍ଯ୍ୟ କରିଆସୁଛନ୍ତି । ଏଥି ପୂର୍ବରୁ ୧୫ ନମ୍ବର ଜିଲ୍ଲା ପରିଷଦ ସଭ୍ୟ, ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ, ସୁବଳୟା ସମବାୟ ସମିତି ସଭାପତି, ଗଞ୍ଜାମ ଜିଲ୍ଲା ବାଉରୀ ଓ ଖାଦାଳ କୂଳ ମହାସଂଘର ସାଧାରଣ ସମ୍ପାଦକ, ପାଲୁରୁ ତାଲୁକା ବାଲ୍ମୀକି ଦାସ କୂଳ ମହାସଂଘର ସାଧାରଣ ସମ୍ପାଦକ, ବିଜେପି ହୁମ୍ମା ମଣ୍ଡଳ ସଭାପତି, ୨୦୧୯-୨୦୨୩ ବିଜେପି ରାଜ୍ୟ ଏସସି ମୋର୍ଚ୍ଚା ସମ୍ପାଦକ ଆଦି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଦାୟିତ୍ୱରେ ରହି କାର୍ଯ୍ୟ ସମ୍ପାଦନ କରି ଦଳ, କର୍ମୀ ତଥା ବ୍ୟକ୍ତିଙ୍କ ନିକଟରେ ଗ୍ରହଣୀୟ ହୋଇଛନ୍ତି ।



# ବାଲ୍ୟ ବିବାହ ରୋକିବା ପାଇଁ କିଶୋରୀ ମାନଙ୍କ ଶପଥ ପାଠ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବୌଦ୍ଧ ତରଫରୁ ବୌଦ୍ଧବ୍ଲକ ମୁଣ୍ଡାପଡା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ମୁଣ୍ଡାପଡା ସରପଞ୍ଚ ରାଜଲକ୍ଷ୍ମୀ ସ୍ୱାଇଁ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ନାଏବ ସରପଞ୍ଚ ସୁମନ୍ତ ନାୟକ, ପୂର୍ବତନ ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ମୁଣ୍ଡାପଡା ସବ୍‌ସେଣ୍ଟରର ମହିଳା ସ୍ୱାସ୍ଥ୍ୟକର୍ମୀ ଶାରଦା ପୂଜାହାରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ କିଶୋରୀମାନଙ୍କୁ ନିଜ ସ୍ୱାସ୍ଥ୍ୟର ଯତ୍ନ, ଶିକ୍ଷା, ପୁଷ୍ଟି, ପରିଷ୍କାର ପରିଚ୍ଛନ୍ନତା ଏବଂ ବାଲ୍ୟବିବାହ ଉପରେ ଉପସ୍ଥିତ କିଶୋରୀମାନଙ୍କୁ ବୁଝାଇଥିଲେ । ଏହାପରେ କିଶୋରୀମାନେ ବାଲ୍ୟବିବାହ କରିବେ ନାହିଁ କିମ୍ବା ନିଜ ଗ୍ରାମରେ କରାଇ ଦେବେନାହିଁ ବୋଲି ଶପଥ ନେଇଥିଲେ । କିଶୋରୀମାନଙ୍କର ହିମୋଗ୍ଲୋବିନ ପରୀକ୍ଷା କରାଯିବା ସହିତ ସେମାନଙ୍କ ଓଜନ ଓ ଉଚ୍ଚତା ମାପ କରାଯାଇଥିଲା । ଏହି ଅବସରରେ କିଶୋରୀମାନଙ୍କ ମଧ୍ୟରେ ନୃତ୍ୟ, ପୁଚି ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ମଣ୍ଡଳ ପରିଦର୍ଶିକା ସଂଯୁକ୍ତା ସାମଲ ପରିଚାଳନା କରିଥିବାବେଳେ ପଞ୍ଚାୟତର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ଆଶାକର୍ମୀ ସହଯୋଗ କରିଥିଲେ ।

# ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା

**ବିଷମ କଟକ, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ବିଜୁ କଲ୍ୟାଣୀ ମଣ୍ଡପ ଠାରେ ପଞ୍ଚାୟତ ସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ସହର ଠାରୁ ଆରମ୍ଭ କରି ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବିକାଶର ମଡେଲ ଦେଖିବାକୁ ମିଳୁଛି । ଏହି ଅବସରରେ ବିଷମ କଟକ ବ୍ଲକ ଅନ୍ତର୍ଗତ ବିଜୁ କଲ୍ୟାଣୀ ମଣ୍ଡପ ପରିସରରେ ସରପଞ୍ଚ ନମିତା କୁଳସିକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ବକ୍ତା ଭାବେ ବ୍ଲକ ଅଧକ୍ଷା ଯୋଶବା ହୁଇକା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକର ରୂପାନ୍ତରୀକରଣ ବିଷୟରେ ମାର୍ଗଦର୍ଶନ ଦେଇଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟା ସୁଜାତା କାଡ୍ରାକା, ବ୍ଲକ ଉପାଧକ୍ଷ ଦେବୀ ପ୍ରସାଦ



ପଟ୍ଟନାୟକ, ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଗ ପି ଗୌରୀ ପ୍ରସାଦ, ବରିଷ୍ଠ ବିଜେଡି ନେତା ଡି.ଶିବପ୍ରସାଦ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମଟି ପଞ୍ଚାୟତ ଅଧିକାରୀ ରାଜେନ୍ଦ୍ର ନାରାୟଣ ବ୍ରହ୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ବେଳେ ସ୍ୱେଚ୍ଛାସେବୀ ବାଳ ମୁକୁନ୍ଦ ପାଳ ମଞ୍ଚ ପରିଚାଳନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ବିଭିନ୍ନ ବିଭାଗ ତରଫରୁ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୁଡିକର ସଚେତନତା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଷମ କଟକ ଗ୍ରାମ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟ ବିବରଣୀର ଏକ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । କାର୍ଯ୍ୟକ୍ରମ ସ୍ଥଳରେ ଶିଶୁ ବିକାଶ ପ୍ରକଳ୍ପ, ସ୍ୱାସ୍ଥ୍ୟ, ଶିକ୍ଷା ବିଭାଗ ତରଫରୁ ଷ୍ଟଲ ଖୋଲା ଯାଇଥିଲା । ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ପୁସ୍ତକ ଉପସ୍ଥିତ ପଞ୍ଚାୟତର ଶତାଧିକ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ସମସ୍ତ ଗାଁସାଥି, ଏମବିକେ, ସିଆରପି, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଏବଂ ପଞ୍ଚାୟତବାସୀ ଉପସ୍ଥିତ ରହି ବିଶେଷ ସହଯୋଗ କରିଥିଲେ ।

# ଖବର ପ୍ରସାରଣ ପରେ ‘ମନରେଗା’ କାମରେ ଲାଗିଲା ସୂଚନା ଫଳକ

**ଧର୍ମଗଡ଼, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଫରଙ୍ଗ ପଞ୍ଚାୟତରେ ହେଉଥିବା ମନରେଗା କାମର ବିନା ସୂଚନା ଫଳକରେ ହେଉଥିବା କାମକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା । ଖବର ପ୍ରସାରଣର ତିନି ଦିନ ମଧ୍ୟରେ ସୂଚନା ଫଳକ ଲାଗିଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି । ବିନା ସୂଚନା ଫଳକ ଓ ବିନା ଡିମାଣ୍ଡରେ ପ୍ରାୟତଃ କାମ ହେଉଥିବା କର୍ଲାଗୁଡା ବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ପରେ ଦିନକ ପାଇଁ କାମ ବନ୍ଦ ହୋଇଥିଲା । ବିନା ସୂଚନାଫଳକ ଓ ବିନା ଡିମାଣ୍ଡରେ କାମ ହେଉଥିବା ନେଇ ଫରଙ୍ଗ ପଞ୍ଚାୟତ ପିଇଓ ପ୍ରଶାନ୍ତ କୁମାର ନାଏକଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା । ତେବେ ବିନା ସୂଚନା ଫଳକ ଓ ଡିମାଣ୍ଡରେ କାମ ହେବା ନେଇ ନିଜେ ପିଇଓ ଅସନ୍ତୋଷ ପ୍ରକାଶ କରି ଗାଁସାଥି ବାଲ୍ମୀକି ପ୍ରଧାନ ଏକଛତ୍ରବାଦ ନୀତି ଆପଣେଇ ଥିବା ପ୍ରକାଶ କରିଛନ୍ତି । ଏ ନେଇ ପଞ୍ଚାୟତର ଗ୍ରାମରୋଜଗାର ସେବକ ଭାରତ ଭୂଷଣ ମୁଣ୍ଡ ମଧ ଫୋନ୍ ଯୋଗେ ସମାନ କଥା ଦୋହରାଇଥିବା ବେଳେ ଏଭଳି କାମ ସମସ୍ତ ପଞ୍ଚାୟତରେ ହେଉଛି ଏହା ନୂଆ କଥାନୁହେଁ କି ଏହା ଏକ ଜଘନ୍ୟ ଅପରାଧ ନୁହେଁ ବୋଲି ପ୍ରକାଶ କରିଛନ୍ତି । ସୂଚନା ଫଳକ ଓ ଡିମାଣ୍ଡ ହେଲା ପରେ କାମ କରିବାର ନିୟମ ଥିବାବେଳେ ଫରଙ୍ଗ ପଞ୍ଚାୟତ ଜଣେ ଗାଁସାଥି ପିଇଓ ଓ ଗ୍ରାମରୋଜଗାର ସେବକଙ୍କୁ ନପଚାରି ମନମୁତାବକ କାମ କରୁଥିବା ପଞ୍ଚାୟତ ଅଧିକାରୀଙ୍କ ନୀରବତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏ ଉପରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି ।

# ଯୁଗ୍ମ ଅଭିଯୋଗ ଶୁଣାଣି:୨୩୫ ମାମଲା ପଞ୍ଜିକୃତ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ସଦର ମହକୁମାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ମ୍ୟୁନିସିପାଲିଟି ଟାଉନ୍‌ହଲ୍ ଠାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ବି ଯୁଗଳ କିଶୋର, ଅତିରିକ୍ତ ଜିଲ୍ଲାପାଳ (ସାଧରଣ) ପୀତାମ୍ବର ସାମଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଅନୀତା ପଟ୍ଟନାୟକଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଅଭିଯୋଗ ଶୁଣାଣିରେ ମୋଟ୍ ୨୩୫ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥିମଧ୍ୟରୁ ୧୮ ଗୋଟି ସାମୁହିକ ଅଭିଯୋଗ ଏବଂ ୨୧୭ ଗୋଟି ବ୍ୟକ୍ତିଗତ ଅଭିଯୋଗଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବିଜୁ ପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭିନ୍ନକ୍ଷମ ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ରାସନ୍‌କାର୍ଡ଼ ପ୍ରଦାନ, ଚିକିତ୍ସା ସହାୟତା, ଇନ୍ଦିରା ଆବାସ ଯୋଜନା, ଜମି ବିବାଦ, ସରକାରୀ-ବେସରକାରୀ ଜମି ସୀମା ନିର୍ଦ୍ଧାରଣ, ବସୁନ୍ଧରା ଯୋଜନା ଆଦି ଦରଖାସ୍ତ ଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ସାମୁହିକ ଅଭିଯୋଗ ମଧ୍ୟରେ ଜମି ସମସ୍ୟା, ପାନୀୟ ଜଳ ଯୋଗାଣ ସୁବିଧା, ଶିକ୍ଷାନୁଷ୍ଠାନ ସମସ୍ୟା, ଗ୍ରାମ୍ୟ ରାସ୍ତା ନିର୍ମାଣ, ନୂତନ ରେଭେନ୍ୟୁ ଗ୍ରାମ ଘୋଷଣା, ଗ୍ରାମ୍ୟ ରାସ୍ତା ଅବରୋଧ ହଟାଇବା, ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ଆଦି ସମସ୍ୟା ଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଶିବିରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ମାଗଣା ଲାପଟପ୍ ବଣ୍ଟନ ଯୋଜନା ଅଧିନରେ ଜଣେ ଦୃଷ୍ଟିବାଧିତ ଛାତ୍ର ସମ୍ପିତ କୁମାର ବେହେରାଙ୍କୁ ଜିଲ୍ଲାପାଳ ଲ୍ୟାପଟପ୍ ପ୍ରଦାନ କରିଥିଲେ। ସେହିପରି ପଟ୍ଟାମୁଣ୍ଡାଇ ବିଲକଣା ଅନ୍ତର୍ଗତ ତେରୋହୀ ଗ୍ରାମର ଗୋପୀନାଥ ସ୍ୱାଇଁଙ୍କୁ ଥଇଥାନ ବ୍ୟବସ୍ଥା ପାଇଁ ରେଡକ୍ରସ୍‌ରୁ ୧୫ ହଜାର ଟଙ୍କାର ଚେକ୍ ଜିଲ୍ଲାପାଳ ପ୍ରଦାନ କରିଛନ୍ତି। ଚିକିତ୍ସା ସହାୟତା ପାଇଁ ମୋଟ୍ ୧୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ଟଙ୍କା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି।

# ଆବାସ କାମ ସରିଥିଲେ ମଧ ହିତାଧିକାରୀଙ୍କୁ ମିଳିନି ଟଙ୍କା

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା ବ୍ଲକ କଂସାର ବଡ଼ଦାଣ୍ଡୁଆ ପଞ୍ଚାୟତ ପଙ୍କପାଳ ଗ୍ରାମର ଅବନୀ ମଣ୍ଡଳ ୨୦୨୧ ମସିହାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାଇଥିବା ଘର କାମ ସମ୍ପୂର୍ଣ୍ଣ କରିସାରିଥିଲେ ମଧ ତାଙ୍କୁ ମନରେଗା ବାବଦ ଅର୍ଥ ଓ ପ୍ରୋତ୍ସାହନ ରାଶି ମିଳିପାରି ନାହିଁ ବୋଲି ଅଭିଯୋଗ କରିଛନ୍ତି । ଅବନୀଙ୍କ କହିବାକଥା ମୁଁ ଜଣେ ଗରିବ ଲୋକ । ସରକାରଙ୍କ ଯୋଜନାକୁ ଠିକ୍ ସମୟରେ କାର୍ଯ୍ୟକାରୀ କରିବା ପାଇଁ ଧାର କରଜ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ସମ୍ପୂର୍ଣ୍ଣ କରିଥିଲି । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ମୁଁ ମନରେଗା ରାଶି ପ୍ରୋତ୍ସାହନ ଅର୍ଥ ପାଇପାରିଲିନାହିଁ । ୧୨.୪.୨୦୨୧ ମସିହାରେ ଶେଷ କିସ୍ତି ବାବଦ ଅର୍ଥ ପାଇଥିଲି । ଏହାପରେ ଆଉ କୌଣସି ଟଙ୍କା ପାଇନାହିଁ । ଏ ବାବଦରେ ଜିଆରଏସ୍‌ଙ୍କୁ ବାରମ୍ବାର ଜଣାଇଥିଲେ ମଧ କୌଣସି ସୁଫଳ ପାଇପାରିଲିନାହିଁ । ତେଣୁ ମୁଁ ହତାସ ହୋଇ ଘରେ ବସିଛି । ସରକାରଙ୍କ ନିୟମ ଜନସାଧାରଣଙ୍କ ମଙ୍ଗଳ ପାଇଁ ତିଆରି ହୋଇଥିବା ବେଳେ ମୋତେ ଏଥିରୁ ବଞ୍ଚିତ କରାଗଲା ବୋଲି ସେ ଅଭିଯୋଗ ଉଠାଇଛନ୍ତି ।

# ମାଣ୍ଡିଆକୁ ଅଧିକ ପ୍ରଚାରପ୍ରସାର ପାଇଁ ୟୁଏସଏ କମ୍ପାନୀ ସହ ସୋଆର ଏକ୍ସପ୍ରେସନ ଅଫ ଇନ୍‌ଟରେଷ୍ଟ ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ମାଣ୍ଡିଆ ସମ୍ପର୍କିତ ସମସ୍ତ ପ୍ରକାର କାର୍ଯ୍ୟରେ ସହଯୋଗିତା ନିମନ୍ତେ ଇଣ୍ଡିଆ ମିଲେଟ୍ ଇନିସିଏଟିଭ୍, ୟୁଏସଏର ସର୍ଗମ୍ ୟୁନାଇଟେଡ୍ ଓ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ମଧ୍ୟରେ ମଙ୍ଗଳବାର ଏକ ଏକ୍ସପ୍ରେସନ ଅଫ୍ ଇନ୍‌ଟରେଷ୍ଟ ସ୍ୱାକ୍ଷରିତ ହୋଇଯାଇଛି । ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱ ସ୍ତରରେ ଜଳ ଏବଂ ମୃତିକା ସଂରକ୍ଷଣ ଏବଂ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ ଗୁଡ଼ିକର ପ୍ରସାର କରାଇବା ସହ ମରୁଡି ସହନଶୀଳ କ୍ଷୁଦ୍ର ଶସ୍ୟ ଫସଲ ଓ ଯଥାର (ସର୍ଗମ୍) ଇତ୍ୟାଦିର ପ୍ରୋତ୍ସାହନ। ଏହା ଉଦ୍ୟମ ଫଳରେ ଭାରତରେ ମାଣ୍ଡିଆ ଜାତୀୟ କ୍ଷୁଦ୍ର ଶସ୍ୟ ଫସଲକୁ ପ୍ରୋତ୍ସାହନ ମିଳିବା ସହିତ ଆନ୍ତର୍ଜାତିକ ମାଣ୍ଡିଆ ଦଶନ୍ଧୀ (୨୦୨୪-୩୪)ର ସମସ୍ତ କାର୍ଯ୍ୟକ୍ରମକୁ ମତ ବିନିମୟ, ଗବେଷଣା, ବାଣିଜ୍ୟ ଓ ସରକାରୀ ଓ




ବେସରକାରୀ ଉଦ୍ୟମ ମାଧ୍ୟମରେ ସମର୍ଥନ ମିଳିବ। ଓଡ଼ିଶାରେ ମାଣ୍ଡିଆ ଓ କ୍ଷୁଦ୍ର ଶସ୍ୟକୁ ନେଇ ବିଭିନ୍ନ କାର୍ଯ୍ୟରେ ସହଯୋଗିତା ନିମନ୍ତେ ସୋଆର ସେଣ୍ଟର ଫର୍ କ୍ଲାଇମେଟ ସ୍ମାର୍ଟ ଏଗ୍ରିକଲ୍‌ଚର (ସିସିଏସ୍‌ଏ) ଠାରେ ଏକ ଇଣ୍ଡୋ-ୟୁଏସ୍ ମିଲେଟ୍ ଇନିସିଏଟିଭ୍ ଆରମ୍ଭ କରାଯିବ। ଏହି ଇଓଆଇରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆନ୍ତର୍ଜାତିକ ଏନ୍‌ଜିଓ ସର୍ଗମ୍ ୟୁନାଇଟେଡ୍‌ର ଚିଫ୍ ଏଗ୍‌ଜିକ୍ୟୁଟିଭ୍ ଅଫିସର ଶ୍ରୀ ନେଟ୍ ବ୍ଲମ୍ ଏବଂ ଇଣ୍ଡିଆ ମିଲେଟ୍ ଇନିସିଏଟିଭ୍‌ର ଅଧକ୍ଷ ଡକ୍ଟର ସତ୍ୟେନ୍ ଯାଦବ ସ୍ୱାକ୍ଷର କରିଥିଲେ। ହର୍ଟିକଲଚର ପ୍ରଡ୍ୟୁସ୍ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ସମର୍ଥିତ ଏବଂ ଲକ୍ଷ୍ନୌ ଠାରେ ଇଣ୍ଡିଆନ୍ ସୋସାଇଟିଜ୍ ଆକ୍ଟ, ୧୮୬୦ ଅନୁଯାୟୀ ପଞ୍ଜିକୃତ ହୋଇଥିବା ଇଣ୍ଡିଆନ୍ ମିଲେଟ୍ ଇନିସିଏଟିଭ୍ ଭାରତର ବିଭିନ୍ନ କୃଷି କ୍ଷେତ୍ରକୁ ନେଇ କାର୍ଯ୍ୟ କରୁଛି। ମାଣ୍ଡିଆକୁ ପ୍ରଚାର ପ୍ରସାର କରିବା ଦିଗରେ ଅଧିକ ସଂଖ୍ୟକ କୃଷକ, ପ୍ରୋସେସର, ବିକ୍ରେତା, ଉତ୍ପାଦନକାରୀ ଏବଂ ସହଯୋଗୀମାନଙ୍କୁ ଏକତ୍ରିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ସର୍ଗମ୍ ୟୁନାଇଟେଡ୍‌ର ମୁଖ୍ୟ ଶ୍ରୀ ବ୍ଲମ୍ ସର୍ଗମ୍ ଉତ୍ପାଦନ ଏବଂ ବ୍ୟବସାୟ କ୍ଷେତ୍ରରେ ଏକ ବିଶେଷଜ୍ଞ ହୋଇଥିବା ବେଳେ ଡକ୍ଟର ଯାଦବ ଜଣେ କୃଷି ବ୍ୟବସାୟୀ ବିଶେଷଜ୍ଞ ଯାହାଙ୍କର ଶୈକ୍ଷିକ ଓ ଗବେଷଣା ଭିତିକ ଜ୍ଞାନ ରହିଛି। ଏହି ଅବସରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଉପଦେଷ୍ଟା ପ୍ରଫେସର ବି.କେ. ସାହୁ, ସିସିଏସ୍‌ଏର ନିର୍ଦ୍ଦେଶକ ପ୍ରଫେସର ଆର୍.କେ. ପଣ୍ଡା, ସିସିଏସ୍‌ଏର ପ୍ରଫେସର ଏମରିଟସ୍ ପ୍ରଫେସର ୟୁ.ସି. ମହାନ୍ତି, ଆଇଏଏସ୍‌ର ରିସର୍ଚ୍ଚ କୋଅର୍ଡିନେଟର ପ୍ରଫେସର ଜେ.ଏମ୍ ଗୁଲାଟି, ସୋଆର ଚିଫ୍ ଆଡମିନିଷ୍ଟ୍ରେଟିଭ୍ ଅଫିସର ପ୍ରମୋଦ କୁମାର ପଣ୍ଡା, ଆଇଏଏସ୍‌ର ଆସୋସିଏଟ୍ ପ୍ରଫେସର ଡ. ଅଂଶୁମାନ ଜେନା ଓ ଡ. ଶୁଭପ୍ରଦ ଦାସ ଉପସ୍ଥିତ ଥିଲେ।

30 YEARS
ସମ୍ବାଦ କଳିକା
ଖେଳ

ଭୁବନେଶ୍ୱର, ୧୨ ଫେବୃୟାରୀ, ସୋମବାର, ୨୦୨୪

# ଗାଙ୍ଗୁଲିଙ୍କ ଘରୁ ଦେଢ଼ ଲକ୍ଷର ମୋବାଇଲ ଗାଏବ୍

**କୋଲକାତା**



ପୂର୍ବତନ ଭାରତୀୟ କ୍ରିକେଟର ତଥା ବିସିସିଆଇର ପୂର୍ବତନ ଅଧ୍ୟକ୍ଷ ସୌରଭ ଗାଙ୍ଗୁଲିଙ୍କ ଘରୁ ଦେଢ଼ ଲକ୍ଷ ଟଙ୍କାର ମୋବାଇଲ ଫୋନ୍ ଚୋରି ହୋଇଥିବା ଜଣାପଡ଼ିଛି । ଏନେଇ ଖୋଦ୍ ଥାନାରେ ଅଭିଯୋଗ କରିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ସୌରଭ ଗାଙ୍ଗୁଲି । ସୂଚନା ମୁତାବକ, ସୌରଭ ଗାଙ୍ଗୁଲିଙ୍କ କୋଲକାତା ସ୍ଥିତ ତାଙ୍କ ଘର ବେହାଲାରେ ରଙ୍ଗ ଦିଆ କାମ ଚାଲିଥିବା ବେଳେ ଏହି ଚୋରି ଘଟଣା ସାମ୍ନାକୁ ଆସିଥିଲା । ବହୁ ଖୋଜାଖୋଜି ପରେ ତାଙ୍କ ମୋବାଇଲ ନ ମିଳିବା ପରେ ସେ ଠାକୁରପୁରା ପୁଲିସ ଷ୍ଟେସନରେ ଏଫଆଇଆର୍ ଦେଇଥିଲେ । ଘଟଣା ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଅନୁରୋଧ କରିଛନ୍ତି ।

ସୌରଭ ଗାଙ୍ଗୁଲିଙ୍କ ଯେଉଁ ଫୋନ୍‌ଟି ଚୋରି ହୋଇଛି ତା'ର ଦାମ୍ ୧ ଲକ୍ଷ ୬୦ ହଜାର ବୋଲି କୁହାଯାଉଛି । ଏହି ଦାମୀ ମୋବାଇଲରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି । ଏଥିସହ ଅନେକ ବ୍ୟକ୍ତିଗତ ତଥ୍ୟ ଯେପରିକି ଫୋନ ନମ୍ବର, ଆକାଉଣ୍ଟ ଡିଟେଲ ସବୁ ରହିଛି । ଏଥିପାଇଁ ଗାଙ୍ଗୁଲି ନିଜ ଫୋନ୍‌କୁ ନେଇ ଚିନ୍ତିତ ଅଛନ୍ତି । କୁହାଯାଉଛି ଯେ, ସୌରଭ ଗାଙ୍ଗୁଲିଙ୍କ ଘରେ ପେଣ୍ଟିଂ କାମ ଚାଲିଛି । ଏଭଳି ସ୍ଥିତିରେ ଏଠାରେ କାମ କରୁଥିବା ଲୋକେ ଚୋରି କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି । ସେମାନଙ୍କୁ ପୁଲିସ ପଚରାଉଚରା କରିପାରେ । ବର୍ତ୍ତମାନ ଦିଲ୍ଲୀ କ୍ୟାପିଟାଲ ଫ୍ରାଞ୍ଚାଇଜ୍‌ର କ୍ରିକେଟ ନିର୍ଦ୍ଦେଶକ ଅଛନ୍ତି ସୌରଭ ଗାଙ୍ଗୁଲି ।

# ୧୯ ବର୍ଷରୁ କମ୍ ବିଶ୍ୱକପ : ଭାରତକୁ ୭୩ ରନରେ ହରାଇ ଅଷ୍ଟ୍ରେଲିଆ ଚାମ୍ପିଅନ

**ବେନୋନି**



ଦକ୍ଷିଣ ଆଫ୍ରିକାରେ ଖେଳାଯାଉଥିବା ୧୯ ବର୍ଷରୁ କମ୍ ବିଶ୍ୱକପ କ୍ରିକେଟରେ ନିରାଶ ହୋଇଛି ଭାରତ । କାରଣ ଭାରତୀୟ ଦଳକୁ ୭୩ ରନରେ ପରାସ୍ତ କରି ବିଶ୍ୱ ଚାମ୍ପିଅନ ହୋଇଛି ଅଷ୍ଟ୍ରେଲିଆ ।

ଚାମ୍ପିଅନ ହେବା ପାଇଁ ଭାରତ ଆଗରେ ୨୫୪ ରନର ଲକ୍ଷ୍ୟ ରଖିଥିଲା ଅଷ୍ଟ୍ରେଲିଆ । କିନ୍ତୁ ଏହାର ପିଛା କରିବାକୁ ଯାଇ ଭାରତୀୟ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଭାରତ ପକ୍ଷରୁ ଆଦର୍ଶ ସିଂ ୪୭ ରନ ଓ ମୁରୁଗନ ଅଭିଷେକ ୪୨ ରନ କରିଥିଲେ । ମୁସୀର ଖାଁ ୨୨ରନ କରିଥିଲେ । କିନ୍ତୁ ଅନ୍ୟ ବ୍ୟାଟ୍ସମ୍ୟାନମାନେ ବିଫଳ ହେବାଫଳରେ ଭାରତର ସ୍କୋର ୧୭୪ ରନରେ ଅଟକି ଯାଇଥିଲା । ଅଷ୍ଟ୍ରେଲିଆ ପକ୍ଷରୁ ମାହଲି ବିୟର୍ଡମ୍ୟାନ ଓ ରାଫ ମାକ୍‌ମିଲାନ ୩ଟି ଲେଖାଏଁ ଓ୍ୱିକେଟ ନେଇଥିଲେ ।

ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୫୦ ଓଭରରେ ୨୫୩ ରନ କରିଥିଲା । ଦଳର ସ୍କୋର ମାତ୍ର ୧୬ ରନ ହୋଇଥିବାବେଳେ ଦଳର ପ୍ରମୁଖ ବ୍ୟାଟ୍ସମ୍ୟାନ ସାମ କୋନଷ୍ଟାସ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଯାଇଥିଲେ । ତେବେ ହ୍ୟାରି ଡିକ୍ସନ ଓ ହ୍ୟୁ ୱେବଜେନ ଏକ ଭଲ ପାର୍ଟନରସିପ୍ କରି ଦଳକୁ ସଂକଟରୁ ଉଦ୍ଧାର କରିଥିଲେ । ହରଜାସ ସିଂ ୫୫ରନ କରିଥିବା ବେଳେ ହ୍ୟୁ ୱେବଜେନ ୪୮ ରନ ଓ ଓଲିଭର ପିକ୍ ୪୬ ରନ କରିଥିଲେ । ସେହିପରି ହ୍ୟାରି ଡିକ୍ସନ ୪୨ରନ କରିଥିଲେ । ରିଆନ ହକ୍ସ ୨୦ ରନ କରିଥିଲେ । ଭାରତ ପକ୍ଷରୁ ରାଜ ଲିମ୍ବାନି ୩ଟି ଓ୍ୱିକେଟ ନେଇଥିବାବେଳେ ନମନ ତିଓ୍ୱାରି ୨ ଓ୍ୱିକେଟ ନେଇଥିଲେ । ସଉମି ପାଣ୍ଡେ ଓ ମୁସିର ଖାଁ ଗୋଟିଏ ଲେଖାଏଁ ଓ୍ୱିକେଟ ନେଇଥିଲେ ।

# ଶରତ ମେମୋରିଆଲ ବାଲିପାଟଣା ପ୍ରିମିୟର : ଯୁଆଲି ଡିଫେଣ୍ଡର ବିଜୟୀ



**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ୍ ଆନନ୍ଦପୁର ପଞ୍ଚାୟତ ବାଲିପାଟଣା ଠାରେ ଚାଲିଥିବା ଶରତ ମେମୋରିଆଲ ବାଲିପାଟଣା ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଗୋଲ୍ଡି ଗେମ୍ ଚେଞ୍ଜରକୁ ହରାଇ ଯୁଆଲି ଡିଫେଣ୍ଡର ଚାମ୍ପିଅନ ହୋଇଛି । ଦୁଇ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୬ଟି ଦଳ ଭାଗ ନେଇଥିଲେ । ପ୍ରତ୍ୟେକ ଟିମ୍ ପାଞ୍ଚଟି ଲେଖାଏଁ ମ୍ୟାଚ୍ ଖେଳିଥିଲେ । ଫାଇନାଲ ମ୍ୟାଚ୍ ଯୁଆଲି ଡିଫେଣ୍ଡର ସହିତ ଗୋଲ୍ଡି ଗେମ୍ ଚେଞ୍ଜର ମଧ୍ୟରେ ହୋଇଥିଲା । ଗୋଲ୍ଡି ଗେମ୍ ଚେଞ୍ଜର ଟସ୍ ଜିତି ବ୍ୟାଟିଂ କରି ୮ ଓଭରରେ ୩ ଓ୍ୱିକେଟ ହରାଇ ୪୯ ରନ କରିଥିଲେ । ଜବାବରେ ଯୁଆଲି ଡିଫେଣ୍ଡର ୬ ଓଭରରେ ୫ ଓ୍ୱିକେଟ ହରାଇ ୫୦ ରନ କରି ଚାମ୍ପିଅନ ହୋଇଥିଲା । ଅମ୍ପାୟାର ଭାବେ ବିଜୟ ବିଦ୍ୟା ସାଗର ବେହେରା, ନବଘନ ଦାସ ସ୍କୋରର ଦିଲ୍ଲୀପ ସାହୁ, କୁମାରେଶ ଆନ୍ଦିଆ, ବିକାଶ ଆନ୍ଦିଆ ଧାରା ବିବରଣୀ ପ୍ରଦାନ କରିଥିଲେ । ଗୁରୁ ପ୍ରସାଦ ବେହେରା, ବୀର କିଶୋର ଆନ୍ଦିଆ, ପ୍ରଫୁଲ୍ଲ ଆନ୍ଦିଆ ମ୍ୟାନ ଅଫ ଦି ମ୍ୟାଚ୍ ସୌମ୍ୟ ରଂଜନ ବେହେରା, ମ୍ୟାନ ଅଫ ଦି ସିରିଜି ଗୁରୁ ପ୍ରସାଦ ବେହେରା, ବେଷ୍ଟ ବୋଲର ନବଘନ ଦାସଙ୍କୁ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମୀନା ମାଝୀ, ଅନ୍ୟତମ ଅତିଥି ସାମାଜିକ କର୍ମୀ ସଞ୍ଜୟ ମିଶ୍ର ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଟିମ୍‌କୁ ନଗଦ ଅର୍ଥ ପ୍ରଦାନ କରି ପୁରସ୍କୃତ କରିଥିଲେ ।

# ଭେଟେରାନ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଭିଆରସିସି ଚାମ୍ପିଅନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡ଼ିଆରେ ୧ନଂ ଓ୍ୱାର୍ଡ କାଉନସିଲର ସୁକେଶିନୀ ସେଠିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଭେଟେରାନ ଟି - ୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଭିଆରସିସି ଦଳ ଭିଏସ୍‌ସିସି ଦଳକୁ ୭ ଓ୍ୱିକେଟରେ ପରାସ୍ତ କରି ଏ ବର୍ଷର ଚାମ୍ପିଅନ ହୋଇଛି । ପ୍ରଥମେ ବ୍ୟାଟିଂ କରି ଭିଏସସିସି ୧୦ ଓଭରରେ ୩ ଓ୍ୱିକେଟ ହରାଇ ୧୧୬ ରନ କରିଥିଲେ । ଦଳ ପକ୍ଷରୁ କ୍ଷିତୀଶ ଚନ୍ଦ୍ର ମହାକୁଡ଼ ୩୮ ଓ ଆଶିଷ କୁମାର ସେଠୀ ୩୩ ରନ କରିଥିବା ବେଳେ ବିପକ୍ଷ ଦଳର ରତ୍ନାକର ବେଶ୍ରା ୨ ଓ୍ୱିକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଭିଆରସିସି ଦଳ ୯ ଓଭରରେ ୩ ଓ୍ୱିକେଟ ହରାଇ ୧୧୮ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ବୀରେନ୍ଦ୍ର ବେଶ୍ରା ୬୦ ଓ ସଙ୍ଗମ ନାଏକ ୩୬ ରନ କରିଥିବା ବେଳେ ବିପକ୍ଷ ଦଳର ଦୀପକ ବାରିକ ୨ଟି ଓ୍ୱିକେଟ ଅକ୍ତିଆର କରିଥିଲେ । ଅନିଲ ମହାପାତ୍ର ଓ ଦେବବ୍ରତ ସିଂବାବୁ ଖେଳ ପରିଚାଳନା କରିଥିବା ବେଳେ ଅନିଶ ମିଶ୍ର ସ୍କୋରିଙ୍ଗରେ ସହାୟତା କରିଥିଲେ । ଦୀପକ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ । ବୀରେନ୍ଦ୍ର ବେଶ୍ରା ମ୍ୟାନ ଅଫ ଦି ମ୍ୟାଚ୍, ଆଶିଷ କୁମାର ସେଠୀ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ମ୍ୟାନ ଅଫ ଦି ସିରିଜ୍ ଏବଂ ଦୀପକ ବାରିକ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ ହୋଇଥିଲେ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନଗରପାଳ କୃଷ୍ଣନନ୍ଦ ମହାନ୍ତି ପୁରସ୍କାର ବିତରଣ କରିବା ସହ ଏଭଳି ଏକ ଟୁର୍ଣ୍ଣାମେଣ୍ଟର ଆୟୋଜନ କରିଥିବାରୁ ୧ ନଂ ଓ୍ୱାର୍ଡର କାଉନସିଲରଙ୍କ ଉଦ୍ୟମ ପାଇଁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ଅମର କୁମାର ସେଠୀ, ଆଇନଜୀବୀ କୃଷ୍ଣଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ । ସୋମନାଥ ସିଂହ ପୁରସ୍କାର ବିତରଣୀ ଉତ୍ସବ ପରିଚାଳନା କରିଥିବା ବେଳେ କ୍ଷିତୀଶ ଚନ୍ଦ୍ର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

# ହିଟ୍‌ମ୍ୟାନ୍‌ଙ୍କ ସମକକ୍ଷ ହେଲେ ମ୍ୟାକ୍ସୱେଲ



**ଆଡିଲେଡ**

ଅଷ୍ଟ୍ରେଲିଆ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଆଡିଲେଡ୍‌ରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଗ୍ଲେନ୍ ମ୍ୟାକ୍ସୱେଲ ଏକ ବିସ୍ଫୋରକ ଇନିଂସ ଖେଳିଛନ୍ତି । ସେ ୫୫ ବଲରେ ଅପରାଜିତ ୧୨୦ ରନ ସଂଗ୍ରହ କରିଥିଲେ । ଫଳରେ ଅଷ୍ଟ୍ରେଲିଆ ୨୦ ଓଭରରେ ୪ ଉଇକେଟ ହରାଇ ୨୪୧ ରନ ସ୍କୋର କରିଥିଲା । ମ୍ୟାକ୍ସୱେଲ ଅନ୍ତର୍ଜାତୀୟ ଟି-୨୦ କ୍ୟାରିୟରର ଏହା ପଞ୍ଚମ ଶତକ ଥିଲା । ସେ ଏହି ପ୍ରସଙ୍ଗରେ ହିଟ୍‌ମ୍ୟାନ୍ ରୋହିତ ଶର୍ମାଙ୍କୁ ସମାନ କରିଥିଲେ । ରୋହିତ ମଧ୍ୟ ପାଞ୍ଚ ଟି-୨୦ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି ।

ମ୍ୟାକ୍ସୱେଲ କିଛି ମାସ ହେବ ଭଲ ଫର୍ମରେ ଅଛନ୍ତି । ୪ ମାସ ମଧ୍ୟରେ ସେ ଦୁଇଟି ଟି-୨୦ ଶତକ ହାସଲ କରିଛନ୍ତି । ଗତ ବର୍ଷ ନଭେମ୍ବରରେ ଭାରତ ବିପକ୍ଷ ଟି-୨୦ ସିରିଜ୍‌ରେ ମ୍ୟାକ୍ସୱେଲଙ୍କ ଟି-୨୦ ଶତକ ହାସଲ କରିଥିଲେ ।

# ରାଜ୍ୟ ସ୍ତରୀୟ ୟୁନେକ୍ସ ସନରାଇଜ ମାଷ୍ଟର ବ୍ୟାଡ୍‌ମିଣ୍ଟନରେ ସମୀର ଚାମ୍ପିଅନ




**ଭବାନୀପାଟଣା**

ରାଜ୍ୟ ସ୍ତରୀୟ ୟୁନେକ୍ସ ସନରାଇଜ ମାଷ୍ଟର ଚାମ୍ପିୟନସିପ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଜୁନାଗଡ଼ର ସମୀର ସାହୁ ୫୫ ବର୍ଷ ବର୍ଗରେ କୃତିତ୍ୱ ହାସଲ କରିଛନ୍ତି । ରାଜ୍ୟ ବ୍ୟାଡ୍‌ମିଣ୍ଟନ ଏସୋସିଏସନ ଦ୍ୱାରା ମାଲକାନଗିରିରେ ଆୟୋଜିତ ଏହି ପ୍ରତିଯୋଗିତା ସମୀର ଡ଼ବଲ୍ସରେ ଚାମ୍ପିଅନ ହେଇଥିବା ବେଳେ ସିଙ୍ଗଲ୍ସରେ ରନର୍ସଅପ୍ ହେଇଥିଲେ ।

ଉଦ୍‌ଯାପନୀ ଉତ୍ସବରେ ତାଙ୍କୁ ପୁରସ୍କୃତ କରାଯାଇଥିଲା । କ୍ରମାଗତ ଭାବେ ରାଜ୍ୟସ୍ତରରେ ଷଷ୍ଠ ଥର ବିଜେତା ହେଇଥିବା ସମୀର ସାହୁ କଳାହାଣ୍ଡିରେ ଜଣେ ସଫଳ ବ୍ୟାଡ୍‌ମିଣ୍ଟନ କୋଚ୍ ଭାବେ ପରିଚିତ ।

# ଫେଞ୍ଜର ବାଳିକା ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପୌର ପରିଷଦରେ ଥିବା ଫେଞ୍ଜର ସରକାରୀ ବାଳିକା ଉ.ପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ପ୍ରଧାନ ଶିକ୍ଷୟିତ୍ରୀ ସରଳା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ରଦଲାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସିଆରସିସି ଦେବାଶିଷ ସାହୁ, ଲାଲ ବାହାଦୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାସ, ସ୍କୁଲ ପରିଚାଳନା କମିଟିର ଉପାଧ୍ୟକ୍ଷ ପୂର୍ଣ୍ଣିମା ସାହୁ, ବରିଷ୍ଠ ସାମ୍ବାଦିକ ମହମ୍ମଦ ଇଲିଆସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବାର୍ଷିକ କ୍ରୀଡ଼ାରେ ଅଂଶ ଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଥିବା ଶତାଧିକ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ । କ୍ରୀଡ଼ା ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କର ଶାରୀରିକ ଓ ମାନସିକ ବିକାଶ ହୋଇଥାଏ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଆଦର୍ଶ ମା' ଭାବେ ରିତୁପର୍ଣ୍ଣା ମିଶ୍ରଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇ ଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପଲତା ଦାଶ, ଜାହାନ ଆରା, ସବ୍ୟସାଚୀ ବେହେରା, ସିପ୍ରା ତ୍ରିପାଠୀ, ଖୁଲଣା ସୁନ୍ଦରୀ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

# ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ : ସ୍ପେନ୍‌କୁ ହରାଇ ଭାରତର ବିଜୟ ଅଭିଯାନ ଆରମ୍ଭ

**ଭୁବନେଶ୍ୱର**



ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ପ୍ରଥମ ମ୍ୟାଚ୍‌ରେ ସ୍ପେନକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛି । ଶନିବାର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ୪-୧ ଗୋଲ୍‌ରେ ସ୍ପେନ୍‌କୁ ମାତ୍ ଦେଇଛି ।

ମ୍ୟାଚ୍ ପ୍ରାରମ୍ଭରୁ ଭାରତ ପ୍ରଭାବ ବିସ୍ତାର କରିଥିଲା । ପ୍ରଥମ କ୍ୱାର୍ଟରର ସପ୍ତମ ମିନିଟ୍‌ରେ ହର୍ମନପ୍ରୀତ ସିଂହ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ । ସେହିପରି ଦ୍ୱିତୀୟ କ୍ୱାର୍ଟର ରୋମାଞ୍ଚକର ରହିଥିଲା ଖେଳ । ଭାରତ ଘନ ଘନ ଆକ୍ରମଣ କରିଥିଲା । ୨୦ତମ ମିନିଟ୍‌ରେ ଭାରତ ପେନାଲ୍ଟି ହାତେଇଥିଲା । ହର୍ମନପ୍ରୀତ ଶକ୍ତିଶାଳୀ ଷ୍ଟ୍ରୋକ୍ ବଳରେ ପେନାଲ୍ଟିକୁ ଗୋଲ୍‌ରେ ରୂପାନ୍ତରିତ କରିଥିଲେ । ଏହାପରେ ୨୪ତମ ମିନିଟ୍‌ରେ ଭାରତ ଆଉ ଏକ ପେନାଲ୍ଟି କର୍ଣ୍ଣର ହାସଲ କରିଥିଲା ଓ ଗୁରଜନ୍ତ ସିଂହ ଏହାକୁ ଗୋଲ୍‌ରେ ପରିଣତ କରିଥିଲେ । ଭାରତ ଦ୍ୱିତୀୟ କ୍ୱାର୍ଟର ଶେଷ ସୁଦ୍ଧା ୩-୦ ଗୋଲ୍‌ରେ ଆଗୁଆ ରହିଥିଲା । ତୃତୀୟ କ୍ୱାର୍ଟରରେ ସ୍ପେନ୍ ଆକ୍ରମଣ କରିଥିଲା ଓ କଠିନ ପରିଶ୍ରମର ମୂଲ୍ୟ ମିଳିଥିଲା । ୩୪ତମ ମିନିଟ୍‌ରେ ଦଳକୁ ମିଳିଥିବା ଏକ ପେନାଲ୍ଟି କର୍ଣ୍ଣରକୁ ମାର୍କ ମିରାଲେସ୍ ଗୋଲ୍‌ରେ ପରିଣତ କରିବାରେ ସଫଳ ହୋଇଥିଲେ ।

ଚତୁର୍ଥ କ୍ୱାର୍ଟରରେ ସ୍ପେନ୍ ଲଢୁଆ ଖେଳ ପ୍ରଦର୍ଶନ କରିଥିଲେ ହେଁ ଭାରତ ବାଜି ମାରି ଦେଇଥିଲା । ସ୍ପେନକୁ ୨ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା । ମାତ୍ର ଦଳ ବିଫଳ ହୋଇଥିଲା । ଅନ୍ୟ ପଟରେ ଭାରତ ପକ୍ଷରୁ ଲଳିତ ଉପାଧ୍ୟାୟ ୫୦ତମ ମିନିଟ୍‌ରେ ଏକ ଦର୍ଶନୀୟ ଫିଲ୍ଡ ଗୋଲ୍ କରିବା ଫଳରେ ଭାରତ ୪-୧ ଗୋଲ୍‌ରେ ବିଜୟ ହାସଲ କରିଥିଲା ।

# ୩ୟ ଟେଷ୍ଟରୁ ଓହରିଲେ ବାମହାତୀ ସ୍ପିନର ଜ୍ୟାକ୍ ଲିଚ୍

**ଲଣ୍ଡନ**



ବାମ ଆଣ୍ଠୁରେ ଆଘାତ ଯୋଗୁ ଭାରତ ବିପକ୍ଷ ଅବଶିଷ୍ଟ ତୃତୀୟ ଟେଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି । ଇଂଲଣ୍ଡର ବାମହାତୀ ସ୍ପିନର ଜ୍ୟାକ୍ ଲିଚ୍ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଏହି ବିଷୟରେ ସୂଚନା ଦିଆଯାଇଛି । ତେବେ ତାଙ୍କ ବଦଳରେ ଅନ୍ୟ କୌଣସି ଖେଳାଳିଙ୍କୁ ଡକାଯିବ ନାହିଁ । ଇଂଲଣ୍ଡ ଟୁର୍‌ର ଅବଶିଷ୍ଟ ୩ ସ୍ପିନର ଟମ୍ ହାର୍ଟଲି, ରେହାନ ଅହମଦ ଓ ଶୋଏବ ବଶିରଙ୍କୁ ନେଇ ଖେଳିବ । ଏହି ୩ ନିୟମିତ ସ୍ପିନରଙ୍କ ବ୍ୟତୀତ ଚତୁର୍ଥ ବିକଳ୍ପ ସ୍ପିନର ଭାବେ ଭ୍ରମଣକାରୀ ଦଳ ଜୋ ରୁଟ୍‌ଙ୍କୁ ବ୍ୟବହାର କରିପାରିବ । ହାଇଦ୍ରାବାଦରେ ଇଂଲଣ୍ଡର ପ୍ରଥମ ଟେଷ୍ଟରେ ଲିଚ୍ ଆଘାତପ୍ରାପ୍ତ ହୋଇଥିଲେ । ଫଳତଃ ବିଶାଖାପାଟଣାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ସେ ଖେଳି ପାରି ନ ଥିଲେ । ରାଜକୋଟଠାରେ ତୃତୀୟ ଟେଷ୍ଟ ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବାବେଳେ ଭ୍ରମଣକାରୀ ଇଂଲଣ୍ଡ ଦଳ ବର୍ତ୍ତମାନ ଆବୁଧାବିରେ ଅଭ୍ୟାସ ଚଳାଇଛି । ଲିଚ୍ ସେଠାରୁ ସିଧାସଳଖ ସ୍ୱଦେଶ ଫେରିଯିବେ । ସେ ବର୍ତ୍ତମାନ ଇଂଲଣ୍ଡ ଓ ସମରସେଟ୍ ମେଡିକାଲ ଟିମ୍ ଅଧୀନରେ ଚିକିତ୍ସିତ ହେବେ ବୋଲି ଇସିବି କହିଛି ।

# ସୁନା ସଫେଇ ଆଳରେ ୭୦ ହଜାର ଟଙ୍କାର ଅଳଙ୍କାର ଲୁଟ୍

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ସରପଡ଼ା ଗ୍ରାମପଞ୍ଚାୟତ ବୋଧଙ୍ଗ ଗ୍ରାମର ଜଣେ ବୃଦ୍ଧାଙ୍କୁ ସୁନାରୂପା ସଫେଇ କରିବାର ଆଳ ଦେଖାଇ ଦୁର୍ବୃତ୍ତମାନେ ୭୦ ହଜାର ଟଙ୍କା ମୂଲ୍ୟର ସ୍ୱର୍ଣ୍ଣ ଅଳଙ୍କାର ଲୁଟି ନେଇଥିବାର ଥାନାରେ ଅଭିଯୋଗ ହୋଇଛି । ବୋଧଙ୍ଗ ଗ୍ରାମର ସ୍ୱର୍ଗତ ଶିକ୍ଷକ ନବକିଶୋର ସ୍ୱାଇଁଙ୍କ ବିଧବା ପତ୍ନୀ ନିରୁପମା ସ୍ୱାଇଁ (୭୦) ତାଙ୍କ ଘରେ ଥିଲା ବେଳେ ତାଙ୍କ ଘରକୁ ଏକ ଗ୍ଲାମର ଗାଡ଼ିରେ ୨ ଜଣ ଅଚିହ୍ନା ବ୍ୟକ୍ତି ଆସିଥିଲେ । ସମ୍ପୃକ୍ତ ବ୍ୟକ୍ତିମାନେ ସୁନା ଗହଣା ସଫେଇ କରୁଥିବାର କହିଥିଲେ । ସମ୍ପୃକ୍ତ ବ୍ୟକ୍ତିମାନେ ନିରୂପମାଙ୍କ ରୂପା ଚେନ୍‌କୁ ସଫେଇ କରିଦେବେ ବୋଲି କହି ତାଙ୍କ ଠାରୁ ନେଇ ସଫା କରିଥିଲେ । ପରେ ଦୁର୍ବୃତ୍ତ ଦ୍ୱୟ ବୃଦ୍ଧା ନିରୁପମା କାନରେ ଲଗାଇଥିବା ପ୍ରାୟ ୭୦ ହଜାର ଟଙ୍କା ମୂଲ୍ୟର ସୁନା କାନଫୁଲ ଓ ଝରାକୁ ସଫେଇ କରିଦେବେ ବୋଲି କହି ତାଙ୍କ କାନରୁ ଖୋଲି ନେଇ ସଫା କରିଥିଲେ । ସଫା କରିବା ସମୟରେ ଦୁର୍ବୃତ୍ତମାନେ କିଛି ଧଳା ପାଉଡ଼ର ଉଡ଼ାଇ ଦେଇଥିଲେ । ଫଳରେ ବୃଦ୍ଧା ଜଣକ ସଂଜ୍ଞାହୀନ ହୋଇ ବସିଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଦ୍ୱୟ ସୁନା କାନଫୁଲ ଓ ଝରାକୁ ନେଇ ଫେରାର ହୋଇଯାଇଥିଲେ । ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇନଥିଲେ । ଏସମ୍ପର୍କରେ ନିରୂପମା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରି ଯାଇଥିବାର ଜଣାଯାଛି । ଏଠାରେ ସୂଚନାଯୋଗ୍ୟ ଯେ ନିକଟରେ ରାଣୀପଡ଼ା ଠାରେ ଅନୁରୂପ ଭାବେ ଜଣେ ମହିଳାଙ୍କ ସୁନା ଗହଣା ସଫେଇ ଆଳରେ ଦୁର୍ବୃତ୍ତମାନେ ଲୁଟି ନେଇଥିବା ଘଟଣା କାହାରିକୁ ଅଛପା ନାହିଁ ।

# ୧୫ତମ ସର୍ବଭାରତୀୟ ରାମଧୁନ୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ସାମ୍ବାଦିକ ସମ୍ମିଳନୀ




**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ପ୍ରଥମ ଥର ସୋନପୁର ଜିଲ୍ଲାରେ ଅଲ୍ ଇଣ୍ଡିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ ପ୍ରଥମ ଗ୍ୟାଲେରୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । କ୍ଲବ୍‌ର ସଭାପତି ରାଜୀବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କ୍ଲବ୍ ଉପଦେଷ୍ଟା ତଥା ବିଶିଷ୍ଟ କ୍ରୀଡ଼ାବିତ୍ ପୁରୋଷୋତ୍ତମ ପାଣିଗ୍ରାହୀ, ନନ୍ଦ କିଶୋର ତ୍ରିପାଠୀ, ଜିତେନ୍ଦ୍ର ସାହୁ, ଦିଗାମ୍ବର ଶତପଥୀ, ରାମଧୁନ ଫୁଟ୍‌ବଲ୍ କ୍ଲବର କୋଚ୍ ଭୂକୁଲୁ ବକ୍ସି, ଉପସଭାପତି ସୁବାଷ ବିଶ୍ୱାଳ, କମଳା କାନ୍ତ ସାହୁ, କ୍ରୀଡ଼ାବିତ୍ ବଳରାମ ପଟ୍ଟନାୟକ ସଭାରେ ମଞ୍ଚାସୀନ ରହି ଟୁର୍ଣ୍ଣାମେଣ୍ଟ ଉପରେ ତଥ୍ୟ ପ୍ରଦାନ୍ କରିଥିଲେ । କ୍ଲବ୍‌ର ମିଡ଼ିଆ କୋର୍ଡିନେଟର ମନୋରଞ୍ଜନ ତ୍ରିପାଠୀ ସଭାକୁ ସଂଯୋଜନା କରିଥିବା ବେଳେ କୋଷାଧ୍ୟକ୍ଷ ବିକାଶ ପଣ୍ଡା ମିଡ଼ିଆ ଓ ଅତିଥିଙ୍କୁ ସ୍ୱାଗତ କରିଥିଲେ । ୧୨ ତାରିଖରୁ ୧୮ ତାରିଖ ଯାଏ ପ୍ରଥମଥର ଅନୁଷ୍ଠିତ ହେବାକୁ ଥିବା ୧୫ତମ ସର୍ବ ଭାରତୀୟ ରାମଧୁନ୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ତଥା ବିଭିନ୍ନ ରାଜ୍ୟର ୮ଟି ଦଳ ଅଂଶ ଗ୍ରହଣ କରୁଥିବା ଓ ଫାଇନାଲ ମ୍ୟାଚ୍‌ରେ ବ୍ରାଜିଲ ଓ ଆର୍ଜେଣ୍ଟିନାର ଅନ୍ତର୍ଜାତୀୟ ଖେଳାଳି ସେଲିବ୍ରେଟି (ମୁଖ୍ୟ ଆକର୍ଷଣ) ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବିଷୟ ସମ୍ପାଦକ ପୀୟୂଷ ପଣ୍ଡା ସୂଚନା ଦେଇଛନ୍ତି ଏବଂ ଖେଳରେ ଦର୍ଶକଙ୍କ ଭଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ପାଇଁ ପୋଲିସ୍ ପ୍ରଶାସନ ଓ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଛନ୍ତି । ଶେଷରେ ବିକାଶ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ । ପଦ୍ମନାଭ ପାଢ଼ୀ, ବୁବୁନ ନାଏକ, ରଞ୍ଜୁ ସାହୁ, ପୁରେନ୍ଦ୍ର ନାଏକ୍, କଲିମ୍ ମହମ୍ମଦ, ଦିଲ୍ଲିପ ସାହୁ, ସୋମନାଥ ମିଶ୍ର, ସୁମନ ସାହୁ, ଗୁରୁ ଦଳେଇ, ସୁରଜ୍ ସାହୁ ପ୍ରମୁଖ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ବିଏସ୍‌କେୱାଇ ଓ 'ମୋ ସ୍କୁଲ ଅଭିଯାନ'କୁ ମିଳିଲା 'ସ୍କଚ୍ ଆୱାର୍ଡ'

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ମିଳିଛି ଶ୍ରେଷ୍ଠ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପୁରସ୍କାର । ବିଏସ୍‌କେୱାଇକୁ ସ୍ୱର୍ଣ୍ଣ ବର୍ଗରେ ସ୍କଚ୍ ଆୱାର୍ଡ ମିଳିଛି । ନୂଆଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏଚ୍‌ଏମ୍, ଓଡ଼ିଶା ନିର୍ଦ୍ଦେଶିକା ଡାକ୍ତର ବୃନ୍ଦା ଡି ଏହି ପୁରସ୍କାର ଗ୍ରହଣ କରିଛନ୍ତି । ପୂର୍ଣ୍ଣ ନିଷ୍ଠା ଓ ଦକ୍ଷତାର ସହ ଓଡ଼ିଶାବାସୀଙ୍କ ସ୍ୱାସ୍ଥ୍ୟ ସେବା ଆବଶ୍ୟକତା ପୂରଣ ଦିଗରେ ଏହି ପୁରସ୍କାର ରାଜ୍ୟର ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି । ଗରିବ ଲୋକଙ୍କୁ ବିନା ମୂଲ୍ୟରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ମସିହାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଶୁଭାରମ୍ଭ କରିଥିଲେ । ହିତାଧିକାରୀଙ୍କ ନିଃଶୁଳ୍କ ଚିକିତ୍ସା ପାଇଁ ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନା ଏବଂ ରାଜ୍ୟ ଭିତରେ ତଥା ବାହାରେ ଥିବା ୭୦୦ରୁ ଅଧିକ ଡାକ୍ତରଖାନାରେ ସରକାର ପ୍ରତି ମାସରେ ୨୨୫ କୋଟି ଟଙ୍କା ବ୍ୟୟ କରୁଛନ୍ତି । ଲକ୍ଷ ଲକ୍ଷ ଟଙ୍କାର ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ ସମ୍ପାଦିତ ହେଉଛି । ମହିଳାଙ୍କ ପାଇଁ ୧୦ ଲକ୍ଷ ଓ ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସୁନିଶ୍ଚିତ କରାଯାଇଛି । ତେବେ ଆଉ ଏକ ପାଦ ଆଗକୁ ଯାଇ ରାଜ୍ୟ ସରକାର ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ସାମିଲ କରିବା ପାଇଁ ବିଏସ୍‌କେୱାଇ ନବୀନ କାର୍ଡର ପ୍ରଚଳନ କରିବାକୁ ଯାଉଛନ୍ତି । ଆଗାମୀ ବଜେଟରେ ବିଏସ୍‌କେୱାଇ ପାଇଁ ସରକାର ୫୪୫୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ସେହିପରି ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡ଼ିଶାକୁ ସମ୍ମାନଜନକ ସ୍କଚ୍ ଆୱାର୍ଡ ମିଳିଛି । ମୋ ସ୍କୁଲ୍ ଅଭିଯାନର 'ପୁରାତନ ଛାତ୍ର ସଂଯୋଗ କାର୍ଯ୍ୟକ୍ରମ' ଏବଂ '୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ' ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ଜାତୀୟସ୍ତରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାନର ସୁବିଧା ଯୋଗାଇ ଦିଆଯାଇଛି । ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ହୋଇଛି । ଉନ୍ନତ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ପ୍ରାଥମିକତା ଦିଆଯାଉଛି । ଶ୍ରେଷ୍ଠ ଶିକ୍ଷା ବ୍ୟବସ୍ଥା ସହ ଶୈକ୍ଷିକ ବାତାବରଣ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ଏହି କ୍ରମରେ ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ପର୍ଯ୍ୟାୟକ୍ରମେ ରାଜ୍ୟର ମୋଟ୍ ୮୬୭୭ଟି ହାଇସ୍କୁଲ ରୂପାନ୍ତରିତ ହୋଇଛି । ବର୍ତ୍ତମାନର ଛାତ୍ରଛାତ୍ରୀମାନେ ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ ମାଧ୍ୟମରେ ନୂଆ ନୂଆ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ସକ୍ଷମ ହୋଇପାରୁଛନ୍ତି । କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରୁଛନ୍ତି । ୨୦୧୭ ମସିହା ନଭେମ୍ବର ୧୪ ତାରିଖ, ଶିଶୁ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ ଏହି ପ୍ରୟାସ ଆରମ୍ଭ ହୋଇଥିଲା । ପୁରାତନ ଛାତ୍ରଛାତ୍ରୀଙ୍କୁ ସେମାନେ ପଢ଼ିଥିବା ବିଦ୍ୟାଳୟ ସହ ସମ୍ପୃକ୍ତ କରି ରାଜ୍ୟରେ ଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ବିକାଶ କରିବାକୁ 'ମୋ ସ୍କୁଲ୍ ଅଭିଯାନ' ପରିକଳ୍ପନା କରାଯାଇଥିଲା । ଏହି ଅଭିଯାନକୁ ଇତିମଧ୍ୟରେ ୬ବର୍ଷ ପୂରଣ କରି ୭ବର୍ଷରେ ପଦାର୍ପଣ କରିଛି । ମାତ୍ର ସ୍ୱଳ୍ପ ସମୟ ମଧ୍ୟରେ ଏକ ଅଭିଯାନରୁ ଏକ ଆନ୍ଦୋଳନରେ ପରିଣତ ହୋଇଛି । ମୋ ସ୍କୁଲ୍ ଅଭିଯାନ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀଙ୍କ ସହିତ ଯୋଡ଼ି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଆର୍ଥିକ ସହଯୋଗ ପ୍ରଦାନ କରିଛନ୍ତି । ସେହିଭଳି ୧୩ଲକ୍ଷରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ବିଭିନ୍ନ ମାଧ୍ୟମରେ 'ମୋ ସ୍କୁଲ' ମାଧ୍ୟମରେ ନିଜ ସ୍କୁଲ ସହ ଯୋଡ଼ି ହୋଇ ସ୍କୁଲର ବିକାଶ ପ୍ରକ୍ରିୟାରେ ଭାଗୀଦାରି ହୋଇଛନ୍ତି । ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ୫୩ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ନିକଟରେ 'ମୋ ସ୍କୁଲ୍' ପହଞ୍ଚିବାରେ ସଫଳ ହୋଇଛି । ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ତଥା ମୋ ସ୍କୁଲର ସଦସ୍ୟ ସଚିବ ଅନୁପମ ସାହା କହିଛନ୍ତି, ଶିକ୍ଷାଗତ ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଆଣିବା ପାଇଁ ହୋଇଥିବା ଉଦ୍ୟମ ଏହି ସଫଳତା ଆଣି ଦେଇଛି । ମୋ ସ୍କୁଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ୍ ଜେନା ମଧ୍ୟ ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।





ଭୁବନେଶ୍ୱର : ପାଖେଇ ଆସୁଛି ବିଦ୍ୟାଦାୟିନୀ ସରସ୍ୱତୀଙ୍କ ପୂଜା। ରାଜଧାନୀର ୟୁନିଟ୍-୧ ସ୍ଥିତ ହାଟ ନିକଟରେ ସରସ୍ୱତୀଙ୍କ ମୂର୍ତ୍ତି କିଣିବାରେ ଗ୍ରାହକମାନଙ୍କ ଭିଡ ଲାଗିଛି। (ଫଟୋ : ସମ୍ବାଦ କଳିକା)

## କଂଗ୍ରେସରେ ସାମିଲ ହେଲେ ଅଭିନେତା ମନୋଜ ମିଶ୍ର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କଂଗ୍ରେସରେ ସାମିଲ ହେଲେ ଅଭିନେତା ମନୋଜ ମିଶ୍ର । ଶନିବାର ବିଧିବଦ୍ଧ ଭାବେ ଅଭିନେତା କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ସମୟରେ ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରଭାରୀ ଅଜୟ କୁମାର ତଥା କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ରଙ୍କ ଉପସ୍ଥିତ ଥିଲେ।

କଂଗ୍ରେସରେ ମିଶିବା ପରେ ମନୋଜ କହିଛନ୍ତି, ମୁଁ ନେତା ହେବାକୁ ନୁହେଁ ବରଂ ଲୋକଙ୍କ ସେବା କରିବାକୁ ରାଜନୀତିକୁ ଆସିଛି । ପଶ୍ଚିମ ଓଡ଼ିଶାରେ ଏବେ ଅନେକ ସମସ୍ୟା ରହିଛି । ଯାହାକୁ ସରକାର ଦୃଷ୍ଟି ଦେଉନାହାନ୍ତି । ତେଣୁ ଲୋକଙ୍କ କାମ କରିବାକୁ ମୁଁ କଂଗ୍ରେସରେ ସାମିଲ ହୋଇଛି । ଓଡ଼ିଆ ସିନେମା ପାଇଁ ମୁହଁ ଖୋଲିଲି ବୋଲି ଏବେ ଓଡ଼ିଆ ସିନେମାରେ କିଛି ପରିବର୍ତ୍ତନ ଆସିଛି । ନିର୍ବାଚନ ଲଢିବି କି ନାହିଁ ତାହା ପରବର୍ତ୍ତୀ ସମୟରେ ଦଳ ନିଷ୍ପତ୍ତି ନେବେ।

## ସମଗ୍ର ଦେଶରେ ପ୍ରଥମ : ଦଶମ ଓ ଦ୍ୱାଦଶରେ କିସ୍‌ରୁ ରେକର୍ଡ଼ ସଂଖ୍ୟକ ପରୀକ୍ଷାର୍ଥୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡ଼ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷାରେ କିସ୍‌ରୁ ରେକର୍ଡ଼ ସଂଖ୍ୟକ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । କିସ୍‌ର ୨୦୦୦ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ବେଳେ ୧୯୦୮ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେବେ । ଉଭୟ ଦଶମ ଓ +୨ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୫୦% ହେଉଛନ୍ତି ଛାତ୍ରୀ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପରୀକ୍ଷାର ଅବ୍ୟବହିତ ପୂର୍ବରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ରବିବାର ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ସମ୍ପର୍କିତ ଆବଶ୍ୟକ ପରାମର୍ଶ ଦେବା ସହ ସେମାନଙ୍କୁ କଲମ ବଣ୍ଟନ କରିଥିଲେ । ଏହି ଅବସରରେ ସେ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ସଫଳତା କାମନା କରିଥିଲେ । ଦଶମ ଶ୍ରେଣୀ ପିଲାଙ୍କ ପାଇଁ ୟୁନିଟ୍-୮, ବରମୁଣ୍ଡା ଓ ନିଳାଦ୍ରୀ ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଆଇଆରସି ଭିଲେଜସ୍ଥିତ ଭଗବତ୍ ଗୀତା ବିଦ୍ୟା ମନ୍ଦିର ଓ ଚନ୍ଦ୍ରଶେଖରପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରୀକ୍ଷା କେନ୍ଦ୍ର ହୋଇଛି । ସେହିପରି +୨ ପରୀକ୍ଷାର୍ଥୀଙ୍କ ନିମନ୍ତେ ରାଜଧାନୀ କଲେଜ ଓ ମହର୍ଷି କଲେଜ ଅଫ୍ ନାଚୁରାଲ୍ 'ଲ' ପରୀକ୍ଷା କେନ୍ଦ୍ର ହୋଇଛି । ଆସନ୍ତା ୨୦ ତାରିଖରୁ ଦଶମ ବୋର୍ଡ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ୧୬ତାରିଖରୁ +୨ ପରୀକ୍ଷା ଆରମ୍ଭ ହେଉଛି । ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ କିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ପିଲାମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ନେବା ଆଣିବା ପାଇଁ ୫୦ଟି ଲେଖାଏଁ ବସ୍‌ର ବ୍ୟବସ୍ଥା କରାଯାଇଛି ।

## ଗରିବ ଛାତ୍ର ଛାତ୍ରୀଙ୍କ ତ୍ରାଣକର୍ତ୍ତା ସାଜିଲେ ସମାଜସେବୀ

**ଆନନ୍ଦପୁର, ନ୍ୟୁଜ ବ୍ୟୁରୋ**

ବ୍ଲକ ଶାଳବଣି ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ରେ ମୁବି ଅଭଭାବକ କାଯ୍ୟକ୍ରମ ର ତୃତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଅଛି । ଏହି କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜ ସେବି ତଥା ଶାନ୍ତି ପ୍ରଚାରକ ଡ ଅରୁନ୍ଧତୀ ଦେବୀ ଯୋଗ ଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ସମାଜ ସେବୀ ନମ୍ରତା ଚଢା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପଟନାୟକ, ସାହିତିକ ଆଧାତ୍ମିକ ପ୍ରବଚନ ପ୍ରଚାରକ ସରୋଜ କୁମାର ସାହୁ, ବରିଷ୍ଠ ଶିକ୍ଷକ ଶ୍ରୀଧର କୁମାର ମହାରଣା ଯୋଗ ଦେଇ ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ଜ୍ୱଳନ ସହ ମାଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି କାଯ୍ୟକ୍ରମରେ ତ୍ରିଲୋଚନ ନାୟକ ଅତିଥି ପରିଚୟ ପ୍ରଦାନ କରି ସଭା ସଂଚାଳନ କରି ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପରଲୋକରେ...

ସାମ୍ବାଦିକତା କ୍ଷେତ୍ରରେ ବି ସେ ନିଜ ଛାପ ଛାଡିଯାଇଛନ୍ତି।

୧୯୮୭ରେ ଉପନ୍ୟାସ ଅଶାନ୍ତ ଅରଣ୍ୟ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ମୁକ୍ତିମନ୍ତ୍ରୀ ଓ ଜନନୀ ଜନ୍ମଭୂମୀ ଗଳ୍ପ ସଙ୍କଳନ ପାଇଁ ୨୦୦୪ରେ ସେ ସମ୍ମାନ ଜନକ ଶାରଳା ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ସାହିତ୍ୟ ଭାରତୀ ସମ୍ମାନ ଓ ଉତ୍କଳ ସାହିତ୍ୟ ସମାଜ ଉପନ୍ୟାସ ସମ୍ମାନ ଭଳି ଅନେକ ସମ୍ମାନ ସେ ପାଇଥିଲେ।

### ସାତକଡି ହୋତାଙ୍କ...

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସ୍ୱର୍ଗତ ହୋତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ତାଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

### କେନ୍ଦୁପତ୍ର ...

୬୨ ବର୍ଷ ବୟସ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇପାରିବେ। ପୂର୍ବରୁ ଏହି ବୟସ ସୀମା ୬୦ ବର୍ଷ ଥିଲା।

ଘୋଷଣା ଅନୁଯାୟୀ ଆଗାମୀ ଅପ୍ରେଲ ମାସରୁ ଆରମ୍ଭ ହେଉଥିବା ନୂଆ ଫସଲ ଋତୁରେ କେନ୍ଦୁପତ୍ର ତୋଳାଳି ପରିବାରକୁ ଦୁଇଟି ଝିଅ ବାହାଘର ପାଇଁ ସହାୟତା ମିଳିବ। ପ୍ରତ୍ୟେକ ଝିଅ ବାହାଘର ପାଇଁ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ମିଳିବ।

୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ରବିବାର ତାଙ୍କର ସମ୍ବଲପୁର ଜିଲ୍ଲା ଗସ୍ତ ଅବସରରେ ରେଢ଼ାଖୋଲ ସଭାରେ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ବିଷୟରେ ସୂଚନା ଦେଇଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ଏ ସମ୍ପର୍କୀତ ଭିଡିଓ ବାର୍ତ୍ତା ବଜାଇ ଶୁଣାଇଥିଲେ।

ସୂଚନାଯୋଗ୍ୟ ଯେ କେନ୍ଦୁପତ୍ର ହିତାଧିକାରୀମାନଙ୍କ ମଧ୍ୟରୁ ଶତକଡା ୮୦ ଭାଗ ମହିଳା ଅଟନ୍ତି ଏବଂ ୯୫ ପ୍ରତିଶତରୁ ଅଧିକ କେନ୍ଦୁପତ୍ର ହିତାଧିକାରୀ ମୁଖ୍ୟତଃ ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗର ।

କେନ୍ଦୁ ପତ୍ର ତୋଳାଳୀ ଓ କର୍ମଚାରୀଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହିସବୁ ପଦକ୍ଷେପ ଦ୍ୱାରା ପ୍ରାୟ ୯ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଓ ସାମୟିକ କର୍ମଚାରୀ ଉପକାର ପାଇବେ ଏବଂ ରାଜ୍ୟ ସରକାର ଏଥିପାଇଁ ୧୫୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିବେ।

### ସମ୍ବଲପୁରରେ ବିକାଶର ...

ମାରାଥନ ଅନୁଷ୍ଠିତ ହୋଇଥିଲା। ସେଠାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପହଞ୍ଚି ପତାକା ଦେଖାଇ ହାଫ ମାରାଥନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ୫-ଟି ଅଧ୍ୟକ୍ଷ କହିଛନ୍ତି, ବୁର୍ଲାରେ ମୁଖ୍ୟମନ୍ତ୍ରୀ ଇଣ୍ଡୋର ଷ୍ଟାଡିୟମ ଉଦଘାଟନ କରିଛନ୍ତି। ଷ୍ଟାଡିୟମରେ ଭଲ ସୁବିଧା ରହିଛି । ମଣ୍ଡଳିଆ ପଡ଼ିଆରେ ସମ୍ବଲପୁର ଫୁଟବଲ ଏକାଡେମୀ କରାଯାଉଛି। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ବହୁତ ବଡ କ୍ରୀଡା ଭିତ୍ତିଭୂମିର ବିକାଶ କରାଯାଉଛି। ସମ୍ବଲପୁରରେ ବଡ କ୍ରିକେଟ ଷ୍ଟାଡିୟମ କରିବା ପାଇଁ ଜାଗା ଚିହ୍ନଟ କରାଯାଉଛି। ଏହାସହ ଭଲ ଫୁଟବଲ ଷ୍ଟାଡିୟମ ତିଆରି କରିବା ପାଇଁ ଜାଗା ଚିହ୍ନଟ କରାଯାଉଛି ବୋଲି କହିଛନ୍ତି ୫-ଟି ଅଧ୍ୟକ୍ଷ।

### ପାକିସ୍ତାନରେ...

ପିଟିଆଇର ୱେବସାଇଟ୍‌କୁ ପାକିସ୍ତାନରେ ବନ୍ଦ କରିଦିଆଯାଇଛି। ଦଳର ଗୁଗଲ ଡ୍ରାଇଭକୁ ମଧ୍ୟ ରୋକା ଯାଇଛି। ପିଟିଆଇ ସମର୍ଥିତ ବିଜୟୀ ପ୍ରାର୍ଥୀମାନେ ଏବେ ଇମ୍ରାନ ଖାନଙ୍କ ଦ୍ୱାରା ନିଯୁକ୍ତ ରାଷ୍ଟ୍ରପତି ଆରିଫ ଅଲଭି ତାଙ୍କୁ ସରକାର ଗଢିବାକୁ ଆମନ୍ତ୍ରଣ କରନ୍ତୁ ବୋଲି ଦାବି କରୁଛନ୍ତି । ଏହା ଛଡା ଲୋକେ ଏବେ ଦେଶରେ କାର୍ଯ୍ୟକାରୀ ସରକାର ଓ ସେନା ବିରୋଧରେ ବିକ୍ଷୋଭ କରିବା ଆରମ୍ଭ କରିଦେଇଛନ୍ତି।

ଆସୁଥିବା ରିପୋର୍ଟରୁ ନିର୍ବାଚନରେ ହାରିଥିବା ପିଟିଆଇ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ବିଭିନ୍ନ ସ୍ଥାନରେ ରିଟର୍ଣ୍ଣିଂ ଅଧିକାରୀଙ୍କ ବିରୋଧରେ ଏଫଆଇଆର ରୁଜୁ କରୁଛନ୍ତି। ପରାଜିତ ପ୍ରାର୍ଥୀମାନେ ଅଧିକାରୀଙ୍କ ଉପରେ ଭୁଲ ଫର୍ମ ଦେଇଥିବାର ଅଭିଯୋଗ କରୁଛନ୍ତି । ଏହିକ୍ରମରେ ପିଏମଏଲ-ଏନ ମୁଖ୍ୟ ନୱାଜ ସରିଫ ଓ ତାଙ୍କ ଝିଅଙ୍କ ନ୍ୟାସନାଲ ଆସେମ୍ବ୍ଲି ନିର୍ବାଚନରେ ହାସଲ କରିଥିବା ବିଜୟକୁ ଲାହୋର ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି । ସେମାନଙ୍କ ନିର୍ବାଚନରେ ନିର୍ବାଚନ ଆୟୋଗ ଉପଯୁକ୍ତ ପ୍ରକ୍ରିୟା ପାଳନ କରିନଥିବାର ଅଭିଯୋଗ ହୋଇଛି । ଏ ସବୁ ମଧ୍ୟରେ ସରକାର ଗଢିବା ପାଇଁ ପିଏମଏଲ-ଏନ ଓ ପିପିପି ମଧ୍ୟରେ ଆଲୋଚନା ଜାରି ରହିଛି । କୁହାଯାଉଛି ପିପିପିର ଆସିଫ ଅଲ୍ଲୀ ଜର୍ଦ୍ଦାରୀ ସରିଫଙ୍କୁ ନ ନେଇ ସରକାର କରିବାକୁ ଆଗ୍ରହୀ। ତେବେ ସରିଫଙ୍କ ସାନ ଭାଇ ଶାହବାଜଙ୍କୁ ନେତା ସ୍ୱୀକାର କରିବାକୁ ସେ ରାଜି ଅଛନ୍ତି ବୋଲି ଜର୍ଦ୍ଦାରୀ କହିଛନ୍ତି। ମେଣ୍ଟ ଆଲୋଚନାରେ ଜର୍ଦ୍ଦାରୀ ନିଜ ନିମନ୍ତେ ରାଷ୍ଟ୍ରପତି ପଦବୀ ଦାବି କରୁଛନ୍ତି।

ଦେଶରେ କୌଣସି ରାଜନୈତିକ ଦଳକୁ ସ୍ପଷ୍ଟ ବହୁମତ ମିଳି ନଥିବା ବେଳେ ପରିସ୍ଥିତି ବିଗିଡିବାରେ ଲାଗିଛି । ଏଥିରେ ପାକ ସେନା ମୁଖ୍ୟ ଆସୀମ ମୁନିର ମେଣ୍ଟ ସରକାର ନିମନ୍ତେ ନୱାଜ ସରିଫଙ୍କ ଆହ୍ୱାନକୁ ସମର୍ଥନ କରିଛନ୍ତି। ପାକିସ୍ତାନରେ ସେନାକୁ ସବୁଠୁ ଶକ୍ତିଶାଳୀ ମନେ କରାଯାଏ। ସେନାଧ୍ୟକ୍ଷ କହିଛନ୍ତି ଯେ ୨୫ କୋଟି ଜନତାଙ୍କ ପ୍ରଗତିଶୀଳ ଦେଶକୁ ଆଗକୁ ବଢାଇବା ଲାଗି ସ୍ଥିର ହାତରେ ଦେବା ଓ ମଲମ ଲଗାଇବାର ଆବଶ୍ୟକତା ଅଛି।

### ଯାତ୍ରୀବାହୀ ପିକ୍‌ଅପ...

ବେହେରାଗୁଡ଼ା ପଟରୁ ଆସୁଥିବା ଏକ ଯାତ୍ରୀବାହୀ ପିକଅପ ଭ୍ୟାନକୁ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ଧକ୍କା ଦେଇଥିଲା। ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଗୁରୁତର ଆହତ ହୋଇଛନ୍ତି।

ମୃତକଙ୍କ ମଧ୍ୟରେ ଦୁଇ ଜଣ ପୁରୁଷ ଏବଂ ଦୁଇ ଜଣ ମହିଳା ରହିଛନ୍ତି । ଖବର ପାଇ ଲଖନପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଆହତଙ୍କୁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଟ୍ରକ ଡ୍ରାଇଭର ଫେରାର ଥିବା ବେଳେ ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଛି।

### ଭାରସାମ୍ୟ ହରାଇଲା ...

ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୃତ ଓ ଗୁରୁତରମାନଙ୍କର ପରିଚୟ ମିଳିପାରି ନାହିଁ। ସୂଚନା ଅନୁସାରେ ଗୋଲାମୁଣ୍ଡା ବ୍ଲକ ଡୋକରିପଡା ଠାରେ ଜୁନାଗଡ଼ ଥାନା ଆଁଟିଗାଁର ଶ୍ରମିକମାନେ ରବିବାର ପୂର୍ବାହ୍ଣରେ ଗୋଲାମୁଣ୍ଡା ଥାନା ବୋରଗୁଡାକୁ ଧାନ ରୋଇବା ପାଇଁ ଯାଇଥିଲେ। ସେଠାରେ କାମ ସାରି ସନ୍ଧ୍ୟାରେ ଏକ ପିକ୍‌ଅପ ଭ୍ୟାନ୍‌ରେ ଶ୍ରମିକମାନେ ଘରକୁ ଫେରୁଥିଲେ। ପିକ୍‌ଅପ ଭ୍ୟାନ ଡୋକରିପଡ଼ା ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକଙ୍କର ସହାୟତାରେ ଗୁରୁତର ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇ ଧର୍ମଗଡ଼ ଏବଂ ଭବାନୀପାଟଣା ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

### ଲୁଟ୍ ଓ ବିଭାଜନ...

ଆସିଛି। ଏହି ଅବସରରେ ସେ କଂଗ୍ରେସକୁ ବି ଟାର୍ଗେଟ କରିଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏକ ରୋଡ ସୋ' ମଧ୍ୟ କରିଥିଲେ, ଯେଉଁଠାରେ ସେ ଏକ ଖୋଲା ଜିପରେ ଚଢ଼ି ସଭାସ୍ଥଳରେ ପହଞ୍ଚିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏବଂ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ମଧ୍ୟ ଜିପରେ ନଜର ଆସିଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦି ସମାବେଶକୁ ସମ୍ବୋଧିତ କରିଥିଲେ। ଏହି ସମୟରେ ସେ କହିଥିଲେ ଯେ ଲୁଟ୍ ଓ ବିଭାଜନ କଂଗ୍ରେସ ପାଇଁ ଅମ୍ଳଜାନ। ସେ ଆହୁରି ମଧ୍ୟ କହିଛନ୍ତି, ବିଗତ ବର୍ଷଗୁଡ଼ିକରେ ମଧ୍ୟପ୍ରଦେଶରେ ଦୁଇଟି ଭିନ୍ନ ପ୍ରକାରର ଯୁଗ ଦେଖିବାକୁ ମିଳିଛି- ଗୋଟିଏ ହେଉଛି ଡବଲ ଇଞ୍ଜିନ ସରକାରର ଯୁଗ ଏବଂ ଅନ୍ୟଟି ହେଉଛି କଂଗ୍ରେସ ଯୁଗର କଳା ପର୍ଯ୍ୟାୟ ! ଯୁବଗୋଷ୍ଠୀଙ୍କୁ ହୁଏତ ମନେ ନାହିଁ, ଆଜି ବିକାଶ ପଥରେ ଦ୍ରୁତ ଗତିରେ ଚାଲିଥିବା ମଧ୍ୟପ୍ରଦେଶ ବିଜେପି ସରକାର ପୂର୍ବରୁ ଦେଶର ସବୁଠାରୁ ବେମାର ରାଜ୍ୟ ମଧ୍ୟରେ ପରିଗଣିତ ହେଉଥିଲା। ମଧ୍ୟପ୍ରଦେଶ ବେମାର ତିଆରି କରିବା ପଛର ସବୁଠାରୁ ବଡ କାରଣ ଥିଲା ଗାଁ, ଗରିବ ଓ ଆଦିବାସୀ ଅଂଚଳ ପ୍ରତି କଂଗ୍ରେସର ଘୃଣ୍ୟ ମନୋଭାବ ! ଏହି ଲୋକମାନେ ଆଦିବାସୀ ସମାଜର ବିକାଶ ବିଷୟରେ କେବେ ଚିନ୍ତା କରିନଥିଲେ କିମ୍ବା ଏହାର ସମ୍ମାନ ବିଷୟରେ ଚିନ୍ତା କରିନଥିଲେ। ସେମାନଙ୍କ ପାଇଁ ଆଦିବାସୀଙ୍କ ଅର୍ଥ ଥିଲା ମାତ୍ର ଅଳ୍ପ ଭୋଟ। ନିର୍ବାଚନ ଘୋଷଣା ବେଳେ ସେମାନେ ଗାଁ, ଗରିବ ଓ ପଛୁଆଙ୍କୁ ମନେ ପକାଉଥିଲେ।

### ଏଲନିନୋ ସକ୍ରିୟ...

ତାପମାତ୍ରା ୪୪ ଡିଗ୍ରୀ ପାର କରିବ ବୋଲି ଆକଳନ କରାଯାଇଛି । ଅସହ୍ୟ ତାତିରୁ ମିଳିବନି ନିସ୍ତାର। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଅଂଶୁଘାତ ସମେତ ଅନେକ ରୋଗ ବି ସୃଷ୍ଟି ହେବାର ସମ୍ଭାବନା ରହିଛି । ନିଦାଘ ତାତିରୁ ଜୀବନକୁ ସୁରକ୍ଷା ଦେବା ପାଇଁ ଏବେଠୁ ବାହାରକୁ ଗଲେ ସତର୍କ ରହିବା ଦରକାର। ପାଣିପାଗ କେନ୍ଦ୍ର ପରାମର୍ଶ ଦେଇ କହିଛି, ଖରାକୁ ଗଲାବେଳେ ଚଷମା, ଛତା ଓ ଜୋତା ପିନ୍ଧିବା ଦରକାର। ଏହାସହିତ ପଇଡ଼ ପାଣି, ପାଣି ବୋତଲ, ମୁହଁ ଘୋଡ଼ାଇବା ପାଇଁ କଟନ ଗାମୁଛା ଆଦି ବ୍ୟବହାର କରନ୍ତୁ । ନଚେତ ଶରୀରରେ ଜଳୀୟ ଅଂଶ ଅଭାବରୁ ଜୀବନ ପ୍ରତି ବିପଦ ଦେଖାଦେବାର ଆଶଙ୍କା ରହିଛି।

## ଗୋଟିଏ ସ୍କୁଲରେ ଅଙ୍ଗନୱାଡିରୁ ଯୁକ୍ତ ୨

**ଯାଜପୁର, ନ୍ୟୁଜ ବ୍ୟୁରୋ**

୫ଟି ରୂପାନ୍ତରିତ ଆଧାରରେ ବଦଳୁଛି ସରକାରୀ ସ୍କୁଲର ଚେହେରା। କିନ୍ତୁ ଏପରି ଏକ ସ୍କୁଲ ରହିଛି ଯେଉଁ ଠାରେ ଅଙ୍ଗନୱାଡି ଠାରୁ ଯୁକ୍ତ ଦୁଇ ପାଠ୍ୟକ୍ରମ ପାଇଁ ବ୍ୟବସ୍ଥା କରାଯାଉଛି। ଅତି ଆକର୍ଷଣୀୟ ଭାବେ ସ୍କୁଲ ନିର୍ମାଣ କରାଯାଉଥିବା ବେଳେ ରାଜ୍ୟର ଏହା ଶ୍ରେଷ୍ଠ ୫ଟି ସ୍କୁଲର ମାନ୍ୟତା ପାଇବାକୁ ଯାଉଛି। ଅତ୍ୟାଧୁନିକ ଶୈକ୍ଷିକ ବ୍ୟବସ୍ଥା ସହ ଉଚ୍ଚମାନର ରୂପାନ୍ତରଣ ହୋଇଥିବା ଏହି ସ୍କୁଲ ସୋମବାର ଉଦଘାଟନ କରିବେ ମୁଖ୍ୟମନ୍ତ୍ରୀ । ଆଉ ଯାହାକୁ ନେଇ ବେଶ ଉତ୍ସାହର ସହ ଅପେକ୍ଷା କରିଛନ୍ତି ବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରି । ସୁନ୍ଦର ଦିଶୁଛି ସରକାରୀ ସ୍କୁଲ । ଛାତ୍ରଛାତ୍ରୀ ସହ ଅବିଭାବକଙ୍କୁ କରୁଛି ଆକର୍ଷିତ । ଗୋଟି ଛାତ ତଳେ ଅଙ୍ଗନବାଡି ଠାରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଶିକ୍ଷାଦାନ ପାଇଁ ବ୍ୟବସ୍ଥା । ମୋ ସ୍କୁଲ ଯୋଜନାରେ ରୂପାନ୍ତରିତ ହୋଇଛି ସ୍କୁଲ । ଯାଜପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଏବେ ରାଜ୍ୟର ଶ୍ରେଷ୍ଠ ୫-ଟି ସ୍କୁଲ ମଧ୍ୟରେ ପରିଚୟ ପାଇବାକୁ ଯାଉଛି। ୧୯୬୩ ମସିହାରେ ଏହି ସ୍କୁଲ ଜିଲ୍ଲାର ଏକ ସର୍ବପୁରାତନ ସ୍କୁଲ ହୋଇଥିବା ବେଳେ ସଫଳ ଛାତ୍ରଛାତ୍ରୀ ଗଢ଼ିବାରେ ସ୍କୁଲର ଭିନ୍ନ ପରିଚୟ ରହିଛି। ସଂପୂର୍ଣ୍ଣ ନୂଆ ରୂପରେ ଗଢ଼ି ଉଠିଥିବାଏହି ସ୍କୁଲକୁ ଚାହିଁଲେ ଆଖି ଲାଖି ଯାଉଛି। ସ୍କୁଲରେ ଅଙ୍ଗନୱାଡି ଶିକ୍ଷାଦାନ ଠାରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଶିକ୍ଷାଳାଭର ସୁବିଧା ରହିଛି। ହାଇସ୍କୁଲରେ ଅତ୍ୟାଧୁନିକ ବିଜ୍ଞାନଗାର, ପାଠାଗାର, ଶୌଚାଳୟ, ପାର୍କିଂ ଏବଂ ଭୋଜନାଳୟ ରହିଛି। ଏପରିକି ସ୍କୁଲ ପରିସରରେ ଫୁଡକୋର୍ଟ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଛି । ଏଭଳି ସୁବିଧା ପାଇଁ ବେଶ ଖୁସି ଥିବା କହିଛନ୍ତି ଛାତ୍ରୀ । ହାଇସ୍କୁଲ ରୂପାନ୍ତରିତ କାର୍ଯ୍ୟରେ ରାଜ୍ୟ ବାହାରର ୩ଶହ ଶ୍ରମିକଙ୍କ ନିୟୋଜିତ ହୋଇଛନ୍ତି । ବିଦ୍ୟାଳୟରେ ପ୍ରଥମରୁ ଦଶମ ୩୫୩ ଜଣ ଛାତ୍ରୀ ପାଠପଢୁଥିବା ବେଳେ ୧୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି । ତେବେ ଏପରି ମଡେଲ ସ୍କୁଲ ପୁରା ଓଡିଶାରେ ନିଆରା ବୋଲି ଚର୍ଚ୍ଚା ହେଉଛି। ଏପରି ଉଦ୍ୟମ ପାଇଁ ଯାଜପୁର ଜିଲ୍ଲା ପ୍ରଶାସନ,ସ୍ଥାନୀୟ ବିଧାୟକଙ୍କ ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ।

## ସଞ୍ଜିତାଙ୍କ ଜୀବନ ବଞ୍ଚାଇଲା 'ବିଏସ୍‌କେୱାଇ'

**କନ୍ଧମାଳ, ନ୍ୟୁଜ ବ୍ୟୁରୋ**



ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ପରିବାର ଲୋକେ

କନ୍ଧମାଳ ଦାରିଙ୍ଗବାଡି ବ୍ଲକ ଏଡକେବାଡି ଗାଁର ସଞ୍ଜିତା ନାୟକଙ୍କ ଜୀବନ ବଞ୍ଚାଇଲା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା । ଅର୍ଥାଭାବରୁ ପରିବାର ଲୋକେ କରାଇ ପାରୁ ନଥିଲେ ଚିକିତ୍ସା। ଝିଅ ଭଲ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ପରିବାର ଲୋକେ। ମିଳିଥିବା ସୂଚନା ଅନୁସାରେ, ସଞ୍ଜିତା ଜନ୍ମରୁ ରକ୍ତହୀନତା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହିତ ସଂଗ୍ରାମ କରୁଥିଲେ । ହେଲେ ଅର୍ଥାଭାବ ତାଙ୍କ ଚିକିତ୍ସାରେ ସାଜିଥିଲା ବାଧକ । ଏତିକିରେ ଦୁଃଖ ସରି ନଥିଲା । ସଞ୍ଜିତାଙ୍କ ଜୀବନରେ ଆଗକୁ ଅପେକ୍ଷା କରିଥିଲା ଆଉ ଏକ ବଡ଼ ବିପର୍ଯ୍ୟୟ । ସଞ୍ଜିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିବା ବେଳେ ବାପା ଆରପାରିକୁ ଚାଲି ଯାଇଥିଲେ । ବାପାଙ୍କ ପରଲୋକ ପରେ ବିଧବା ମାଆ ଆଗକୁ କ'ଣ କରିବେ, ପରିବାର କେମିତି ଚଳାଇବେ, ଝିଅର ଚିକିତ୍ସା କେମିତି ହେବ ସେଇ ଚିନ୍ତାରେ ଘାରି ହେଉଥିଲେ । କୁଲି ମଜୁରୀ କରୁଥିବା ମାଆ ପକ୍ଷେ ପରିବାର ଚଳାଇବା କଷ୍ଟ ହେଉଥିବା ବେଳେ ଝିଅର ଚିକିତ୍ସା କେମିତି କରିବେ ଚିନ୍ତାରେ ଥିଲେ। ଏମିତି ସମୟରେ ପରିବାର ପାଖରେ ଭଗବାନଙ୍କ ପରି ଛିଡ଼ା ହୋଇଥିଲେ ଦାରିଙ୍ଗବାଡି ସ୍ଥିତ ନୀଳକନ୍ଦର ସାହିର ରାକେଶ ସଭାସୁନ୍ଦର । ସେ ସଞ୍ଜିତା ନାୟକଙ୍କୁ ବିବାହ କରିଥିଲେ । ରାକେଶ ଭୁବନେଶ୍ୱରରେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି କରି ସ୍ୱଳ୍ପ ରୋଜଗାରରେ ପରିବାର ଚଳାଉଥିଲେ। ପରେ ପତ୍ନୀଙ୍କ ଚିକିତ୍ସା କରିବାକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କାର୍ଡ ପାଇଥିଲେ । ଏହାପରେ କିମ୍ସ ହସ୍ପିଟାଲରେ ମାଗଣାରେ ସଞ୍ଜିତାଙ୍କ ଚିକିତ୍ସା ହୋଇଥିଲା। ସଞ୍ଜିତାଙ୍କ ଜୀବନ ବଞ୍ଚାଇବାରେ ବିଏସକେୱାଇ କାର୍ଡ ସହାୟ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ପୂରା ପରିବାର ଧନ୍ୟବାଦ ଜଣାଇଛନ୍ତି ।

## ଓଡ଼ିଶା ଉଠା ଜଳସେଚନ ନିଗମ ଅଧ୍ୟକ୍ଷଙ୍କ ବାରିପଦା ଡିଭିଜନ କାର୍ଯ୍ୟାଳୟ ପରିଦର୍ଶନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଓଡ଼ିଶା ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଶ୍ରୀ ଅମରେଶ ପତ୍ରୀ ଗତକାଲି ଶୁକ୍ରବାର ବାରିପଦା ଓଏଲଆଇସି ଡିଭିଜନ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସେ ବିଭାଗୀୟ ଯନ୍ତ୍ରୀମାନଙ୍କସହିତ ଡିଭିଜନ ଅନ୍ତର୍ଗତ ବିଭିନ୍ନ ଅଂଚଳରେବିଜୁ କୃଷକ ବିକାଶ ଯୋଜନାରେ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ, ଗଭୀର ସେଚକୂପ ମାଧ୍ୟମରେ ଜଳସେଚନ ଆଦି ବିଭିନ୍ନ କାର୍ଯ୍ୟକ୍ରମସଂପର୍କରେ ଅବଗତ ହୋଇଥିଲେ । ବିଭାଗୀୟ ଯନ୍ତ୍ରୀମାନଙ୍କୁ ବିଭିନ୍ନ ଅଂଚଳର ଚାଷୀମାନଙ୍କ ପାଖକୁ ଯାଇ ସେମାନେ ପ୍ରକଳ୍ପ ଯୋଗେ କିପରି ଉପକୃତ ହେଉଛନ୍ତି, ସେ ସମ୍ପର୍କରେ ତଦାରଖ କରିବା ସହିତ କ୍ଷେତ୍ରସ୍ତରରେ କୃଷକମାନଙ୍କର ଯେଉଁସବୁ ସମସ୍ୟା ରହୁଛି, ତାହାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବାକୁ କହିଥିଲେ । ଏହି ପରିଦର୍ଶନ ପରିପ୍ରେକ୍ଷୀରେ ଶ୍ରୀ ପତ୍ରୀ କହିଥିଲେ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁବେଳେ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜଳସେଚନ ଉପଯୋଗୀ ହେଉଥିବା ଅଂଚଳ ଗୁଡିକରେ ଚାଷ ଜମିକୁ ଆବଶ୍ୟକଜଳସେଚନ ସୁବିଧା କରି କୃଷିର ଉନ୍ନତି ପୂର୍ବକ କୃଷକମାନଙ୍କର ଆୟ ବୃଦ୍ଧି ପାଇଁ ଗୁରୁତ୍ୱ ଦେଇଆସିଛନ୍ତି । କୃଷି କ୍ଷେତ୍ରରେ ମହିଳା କୃଷକମାନଙ୍କ ଭାଗିଦାରିତାକୁ ଗୁରୁତ୍ୱ ଦିଆଯାଉଛି । '୫-ଟି' ଉପକ୍ରମ ଆଧାରରେ ନିର୍ମାଣାଧିନ ପ୍ରକଳ୍ପଗୁଡିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା, କାର୍ଯ୍ୟକ୍ଷମ ପ୍ରକଳ୍ପଗୁଡିକର ରକ୍ଷଣାବେକ୍ଷଣ, ଯେଉଁଠି ଉଠା ଜଳସେଚନ ପ୍ରକଳ୍ପଗୁଡିକୁ ବିଦ୍ୟୁତ୍ ଯୋଗାଣର ସମସ୍ୟା ରହୁଛି,ଶକ୍ତି ବିଭାଗର ସମନ୍ୱୟରେସେସବୁକୁ ସମାଧାନ କରିବାସହ କୃଷି, ମତ୍ସ୍ୟ ଓ ପ୍ରାଣୀପାଳନ ବିଭାଗ ଆଦି ବିଭାଗର ସହଯୋଗରେ କୃଷି ବିବିଧିକରଣକୁ ପ୍ରୋତ୍ସାହିତ କରି ବିଭିନ୍ନ ଅର୍ଥକାରୀ ଫସଲ କରିବା, ସହଭାଗୀ ଜଳସେଚନରେ ସହଯୋଗ କରିବାଏବଂ ପାଣି ପଂଚାୟତଗୁଡିକର ସୁପରିଚାଳନାରେ ଆବଶ୍ୟକ ସହାୟତା କରିବାକୁକ୍ଷେତ୍ରସ୍ତରରେ କାର୍ଯ୍ୟକରୁଥିବା ଯନ୍ତ୍ରୀମାନଙ୍କୁ ଶ୍ରୀ ପତ୍ରୀ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ଏହି ପରିଦର୍ଶନ ସମୟରେ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଚନ୍ଦୁ ମୁର୍ମୁ,ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ହରେକୃଷ୍ଣ ସିଂ, ବିନୋଦ କୃଷ୍ଣ ମହାନ୍ତି ଓ ମଧୁମାଳତୀ ବେସ୍ରା, ଏଷ୍ଟିମେଟର ଶ୍ରୀ ସରୋଜ କୁମାର ନାୟକ, ସହକାରୀ ଯନ୍ତ୍ରୀ ଶ୍ରୀ ସୁକଦେବ ଭୋଇ ଓ ଶ୍ରୀ ଅଭୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।



ଭୁବନେଶ୍ୱର : ସୈନିକ ସ୍କୁଲ ନିକଟସ୍ଥ ଡମ୍ପିଂୟାର୍ଡରେ ଅତ୍ୟଧିକ ଆବର୍ଜନା ଜମା ହେବା ହେତୁ ଅସ୍ଥାୟୀ ପାଚେରୀ ଭାଙ୍ଗିଯାଇଛି। (ଫଟୋ : ସମ୍ବାଦ କଳିକା)

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା

**ମହାକାଳପଡ଼ା, ନ୍ୟୁଜ ବ୍ୟୁରୋ**

ମହାକାଳପଡ଼ା ବ୍ଲକ ବାରଡାଙ୍ଗ ଓ ବଉଳକଣି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବା ଓ ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଲୋକମାନଙ୍କ ପାଖରୁ ଆବେଦନ ପତ୍ର ଗ୍ରହଣ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ।

## ବେଆଇନ ମାଟି ଚାଲାଣ : ପ୍ରଶାସନ ନିରବ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ବାରଙ୍ଗ ତହସିଲ ଅଞ୍ଚଳରେ ଏବେ ମାଟି ମାଫିଆ ମାନେ ସକ୍ରିୟ ହୋଇ ଉଠିଛନ୍ତି। ସରକାରୀ ଓ ଘରୋଇ ଜମି ମାଲିକଙ୍କୁ ହାତ ବାରିଶି କରି ମାଫିଆ ମାନେ ବିନା ସରକାରୀ ଅନୁମତିରେ ଚୋରାରେ ମାଟି ଉଠାଇ ଚାଲାଣ କରୁଛନ୍ତି। ବାରଙ୍ଗ ତହସିଲ ଅଧିନରେ ଥିବା ପଞ୍ଚୁପାଳ ମୌଜାରୁ ପ୍ରତିଦିନ ଶହ ଶହ ଟ୍ରିପ ମାଟି ଚୋରା ଚାଲାଣ ହେଉଛି। ରାତି ହେଉ କିମ୍ବା ଦିନ ମାଫିଆ ମାନେ ଜେସିବି ଓ ଟ୍ରାକ୍ଟର ଲଗାଇ ମାଟି ଚୋରା ଚାଲାଣ କରି ମାଲାମାଲ ହେଉଛନ୍ତି। ମାଫିଆ ମାନେ ମାଟି ଚାଲାଣ କରୁଥିବା କିଛି ଟ୍ରାକ୍ଟରର ନମ୍ବର ପ୍ଲେଟ ନଥିବା ବେଳେ କିଛି ଟ୍ରାକ୍ଟରର ନମ୍ବର ପ୍ଲେଟରେ ମାଟି ବୋଳା ଯାଇଛି। ବର୍ତ୍ତମାନ ବାରଙ୍ଗ ଅଂଚଳର ଗ୍ରାମ ମାନଙ୍କରେ ଜମି ପ୍ଲଟିଂ ଜୋରଦାର ଚାଲିଛି। ଯାହା ଫଳରେ ମାଫିଆ ମାନେ ଏହାର ସୁଯୋଗ ନେଇ ଉକ୍ତ ଜମି ମାନଙ୍କରୁ ମାଟି ନେଇ ପ୍ଲଟିଂ ଜମି ସମାନ୍ତରାଳ କରୁଛନ୍ତି। ତହସିଲ ଓ ମାଫିଆଙ୍କ ମଧୁଚନ୍ଦ୍ରିକାରେ ଏହି ବେଆଇନ କାର୍ଯ୍ୟ ଚାଲୁଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ପ୍ରତିଦିନ ଏଭଳି ଘଟଣା ତହସିଲ ଓ ପୋଲିସ ପ୍ରଶାସନର ଦୃଷ୍ଟିଗୋଚରରେ ହେଉଥିଲେ ମଧ୍ୟ କାହିଁକି ପ୍ରଶାସନ ଚୁପ ବସିଛି। ଏନେଇ ଦେଖିବାକୁ ବାକି ରହିଲା ପ୍ରଶାସନର ନିଦ କେବେ ଭାଙ୍ଗୁଛି ଏବଂ ଏଥିପ୍ରତି କି ପଦକ୍ଷେପ ନେଉଛନ୍ତି।



## ରାମେଶ୍ୱର ମନ୍ଦିରରେ ସାମୁହିକ ବ୍ରତୋପନୟନ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ରାମେଶ୍ୱର ମନ୍ଦିର ଠାରେ ଚନ୍ଦ୍ରିକା ସେବା ଟ୍ରଷ୍ଟ ଆନୁକୁଲ୍ୟରେ ଏକ ସାମୁହିକ ବ୍ରତପନୋୟନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧୫ ଜଣ ବ୍ରାହ୍ମଣ ପିଲା ଯଜ୍ଞପୋବିତ ଧାରଣ କରିଥିଲେ। ସେବା ଟ୍ରଷ୍ଟ ପକ୍ଷରୁ ଗରିବ ବ୍ରାହ୍ମଣ ପିଲାଙ୍କୁ ନେଇ ଏହି ସାମୂହିକ ବ୍ରତୋପନୟନ କରାଯାଇଛି। ଏଥିରେ ପୂଜକ ଭାବେ ପଣ୍ଡିତ ରାଧେଶ୍ୟାମ ପୁରୋହିତ ରାଜୀବ ଲୋଚନ ପଣ୍ଡା, ରମେଶ ପାଣିଗ୍ରାହୀ, ବୁଲୁ ମିଶ୍ର, କରୁଣା କର, ସୁଦର୍ଶନ ହୋତା, ବୀରେନ୍ଦ୍ର ଚାନ୍ଦ, ରାଜକିଶୋର ପୁରୋହିତ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଆନନ୍ଦ ପୂଝାହାରୀ, ରାମାନୁଜ ପୂଝାରୀ, ସୁଶାନ୍ତ ପୁରୋହିତ, ନୀଳମଣି ହୋତା, ବୈକୁଣ୍ଠ ମିଶ୍ର, ଘନଶ୍ୟାମ ପଣ୍ଡା, ସୁଦାମ ପଣ୍ଡା, ସାନନ୍ଦ ଦାଶ, ଗୋପାଳ ପାଢୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଟ୍ରଷ୍ଟ ସଭାପତି ବଷ୍ଣୁ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହୀ କାର୍ଯ୍ୟକ୍ରମରେ ଉପ ସଭାପତି ସନ୍ତୋଷ ମିଶ୍ର, ସମ୍ପାଦକ ନାରାୟଣ ରଥ, ପିନି ମହାପାତ୍ର, ରୀନା ବାରିକ, ଜୟନ୍ତୀ ରଥ, ଭଗବତୀ ରାୟଗୁରୁ, ସନ୍ତୋଷିନୀ ନନ୍ଦ, ରାଜକୁମାର ମେହେର, ରାଜେନ୍ଦ୍ର ମେହେର, ସତ୍ୟବ୍ରତ ପଧାନ, ଦେବାଶିଷ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।

सत्यमेव जयते
Goverment Of India

# ବିକଶିତ ଭାରତର ସଂକଳ୍ପକୁ ସଶକ୍ତ କରୁଛି ସାମର୍ଥ୍ୟବାନ ଯୁବଶକ୍ତି



## ଯୁବକଙ୍କୁ ସରକାରୀ ଚାକିରି ଦେବା ନିମନ୍ତେ

# ରୋଜଗାର ମେଳା

**ସମଗ୍ର ଦେଶରେ ସରକାରୀ ଚାକିରିରେ ଚୟନୀତ**
**1 ଲକ୍ଷରୁ ଅଧିକ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ରର ବିତରଣ**

ପ୍ରଧାନମନ୍ତ୍ରୀ
**ନରେନ୍ଦ୍ର ମୋଦିଙ୍କ**
ଦ୍ୱାରା

**୧୨ ଫେବୃୟାରୀ ୨୦୨୪, ପୂର୍ବାହ୍ନ ୧୦:୩୦**
(ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ)

- ଭାରତ ସରକାର ସହଯୋଗୀ ରାଜ୍ୟ ସରକାରଙ୍କ ସହିତ ମିଶି ନୂତନ ରୋଜଗାରର ସୃଜନ କରୁଛନ୍ତି
- ମହିଳା, ଦିବ୍ୟାଙ୍ଗ ଏବଂ ଆକାଂକ୍ଷୀ ଜିଲ୍ଲାର ପ୍ରାର୍ଥୀଙ୍କୁ ବିଶେଷ ଲାଭ
- ସରଳ, ନିଷ୍ପକ୍ଷ ଓ ପାରଦର୍ଶୀ ଚୟନ ପ୍ରକ୍ରିୟା
- ସମସ୍ତ ନିଯୁକ୍ତି ୟୁପିଏସ୍‌ସି, ଏସ୍‌ଏସ୍‌ସି, ରେଳବାଇ ଭର୍ତ୍ତି ବୋର୍ଡ, ଆଇବିପିଏସ୍ ଭଳି ଏଜେନ୍ସି ମାଧ୍ୟମରେ
- ବିଶେଷ ଅନ୍‌ଲାଇନ୍ ସିଷ୍ଟମରେ ଖାଲି ପଦ ଏବଂ ଭର୍ତ୍ତି ପ୍ରକ୍ରିୟାର ନିରନ୍ତର ନଜର ରଖାଯାଉଛି
- ବିଭିନ୍ନ ସରକାରୀ ବିଭାଗରେ ସମସ୍ତ ନବନିଯୁକ୍ତଙ୍କ ଅନ୍‌ଲାଇନ୍ ଟ୍ରେନିଂ ନିମନ୍ତେ କର୍ମଯୋଗୀ ପ୍ରାରମ୍ଭ ମଡ୍ୟୁଲ

CBC19101/13/0020/2324

DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖନ୍ତୁ।

ପ୍ରଶିକ୍ଷଣ ସମ୍ବନ୍ଧୀୟ ଅଧିକ ଜାଣିବା ନିମନ୍ତେ କର୍ମଯୋଗୀ ମଡ୍ୟୁଲ ୱେବ୍‌ସାଇଟ୍ https://igotkarmayogi.gov.in/କୁ ଯାଆନ୍ତୁ ଓ QR କୋଡ୍‌କୁ ସ୍କାନ୍ କରନ୍ତୁ